

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୫ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 May 2026

Vol.No. 36 ■ No.127 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଉତ୍ତରପ୍ରଦେଶରେ କାଳବୈଶାଖୀ ତାଣ୍ଡବ: ୧୦୪ ଜଣଙ୍କ ମୃତ୍ୟୁ, ବ୍ୟାପକ କ୍ଷୟକ୍ଷତି



ନୂଆଦିଲ୍ଲୀ,୧୪/୫ : ତାଣ୍ଡବ ରଚିଛି କାଳବୈଶାଖୀ। ବର୍ଷା ସାଙ୍ଗକୁ ପବନ ସବୁ କିଛି ଛାରଖାର କରି ଦେଇଛି। ଉତ୍ତର ପ୍ରଦେଶରେ କାଳବୈଶାଖୀ କେଉଁଠି ଘରଦ୍ୱାରା ମାଟିରେ ମିଶାଇ ଦେଇଛି ତ ଆଉ କେଉଁଠି ଗଛ ଠାରୁ ଆରମ୍ଭ କରି ଲୋକଙ୍କୁ ଉଡ଼ାଇ ନେଇଛି। ଭୟଙ୍କର କାଳବୈଶାଖୀ ତାଣ୍ଡବରେ ୧୦୪ ଜଣଙ୍କ ଜୀବନ ମଧ୍ୟ ଯାଇଛି। ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଧ୍ୱଂସ ଲୀଳା ରଚିଥିବା ବେଳେ ଏବେ ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଅନେକ ସ୍ଥାନରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିଥିବା ବେଳେ ଘର କ୍ଷତିଗ୍ରସ୍ତ ହୋଇଛି। ବର୍ଷା ପବନ ଯୋଗୁ ଶତାଧିକ ବିଜୁଳି ଖୁଣ୍ଟି ଭାଙ୍ଗି ଯାଇଛି। ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ପ୍ରଶାସନର ସୂଚନା ଅନୁଯାୟୀ, ରାତି ସୁଦ୍ଧା କାଳବୈଶାଖୀ ଯୋଗୁ ୨୭ ଜଣଙ୍କ ମୃତ୍ୟୁ ଖବର ଆସିଥିଲା। ପ୍ରୟାଗରାଜରେ ସବୁଠାରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏଠାରେ କାଳବୈଶାଖୀ ଜନିତ ଅଘଟଣରେ ୨୧ ଜଣ ଆଖି ବୁଜିଛନ୍ତି। ଏହା ବାଦ ସନ୍ଥ ରବିଦାସ ନଗରରେ ୧୪ ଜଣ, ଫତେପୁରରେ ୧୧ ଜଣ, ମିର୍ଜାପୁରରେ ୧୦ ଜଣ, ଉନ୍ନାଓରେ ୬ ଜଣ, ବଦାଉନରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବରେଲୀ ଓ ପ୍ରତାପଗଡ଼ରେ ୪ ଜଣ ଲେଖାଏ ଜୀବନ ହରାଇଥିବା ବେଳେ ହାର୍ଦୋଇ, କାନପୁର, ସୋନଭଦ୍ରା ଓ ସମ୍ଭଲରେ ୨ ଜଣ ଲେଖାଏ ଲୋକଙ୍କ ମୃତ୍ୟୁ ଘଟିଛି। ଅତିରିକ୍ତ ଭାବେ ବସ୍ତି, ରାଏ ବରେଲୀ ଓ ଶାହଜାହନପୁରରେ ଜଣେ ଲେଖାଏ ଲୋକ ପ୍ରାଣ ହରାଇଛନ୍ତି। ମୋଟ ୮୯ ଜଣ ପ୍ରାଣ ହରାଇଥିବା ବେଳେ ଆଉ ୫୩ ଜଣ ଆହତ ହୋଇଛନ୍ତି। ◆◆ପୃଷ୍ଠା ୭

## ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା: ବନ୍ଧାହେଲା ମୁଖ୍ୟ ଅଭିଯୁକ୍ତ

କଟକ/ବାଲିଅନ୍ତା, ୧୪/୫ (ନି.ପ୍ର): ସୌମ୍ୟ ରଞ୍ଜନକୁ ପିଟିପିଟି ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଗିରଫ। ଅଭିଯୁକ୍ତ ହେଲେ ରଞ୍ଜିତ ପାତ୍ର । କଟକ ସଦର ଥାନା ଗଙ୍ଗେଶ୍ୱରଗଦାରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଆହତ ସୌମ୍ୟଞ୍ଜନର ମୁଣ୍ଡକୁ କାଠ ଫଳିଆରେ ଆକ୍ରମଣ କରିଥିଲା ଅଭିଯୁକ୍ତ ରଞ୍ଜିତ। ତାପରେ ତାର ହାତଗୋଡ଼କୁ ଏକ ବାଉଁଶ ସାହାଯ୍ୟରେ ବାନ୍ଧି ଦିଆଯାଇଥିଲା।ରଞ୍ଜିତ କୁ ମିଶାଇ ମୋଟ୍ ୧୩ ଜଣ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ, ସୌମ୍ୟରଞ୍ଜନଙ୍କୁ ପିଟିପିଟି ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ସୌମ୍ୟରଞ୍ଜନଙ୍କ ବନ୍ଧୁ କଟକ ଜିଲ୍ଲା ଓଲଟପୁର ଥାନା ମଉଜପୁରର ଓମ୍‌ପ୍ରକାଶ ରାଉତଙ୍କୁ ଜେରା କରିଥିଲା। ଓମ୍‌ଙ୍କ ବୟାନ ଅନୁଯାୟୀ, ୭ ତାରିଖରେ ଓମ୍ ଏକ ଦୁଇଚକିଆ ଗାଡ଼ିରେ ଓଲଟପୁରରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲେ। ସାଙ୍ଗରେ ସୌମ୍ୟରଞ୍ଜନ ଆସିଥିଲେ। କାଜ ବ୍ରିଜ୍ ନିକଟରେ ସୌମ୍ୟରଞ୍ଜନ ଘରେ ପର୍ସ ଛାଡ଼ି ଆସିଥିବା ଓମ୍‌ଙ୍କୁ କହିଥିଲେ। ଗାଡ଼ି ବୁଲାଇ ଘରକୁ ଯିବାକୁ କହିବାରୁ ଓମ୍ ଗାଡ଼ି ବୁଲାଇ ପ୍ରାୟ ୧୦୦ ମିଟର ଆସିବା ପରେ ହଠାତ୍ ସୌମ୍ୟ ଓମ୍‌ଙ୍କ ଦୁଇ କାନ୍ଧକୁ ଦୁଇ ହାତରେ ପଛକୁ ଭିଡ଼ି ଦେଇଥିଲେ। ମାତ୍ର ୩୦ ସ୍ପିଡ୍‌ରେ ଗାଡ଼ି ଚଳାଉଥିଲେ ବି ଓମ୍ ବାଇକ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ହାତ ଛଡ଼ାଇବାକୁ ଉଦ୍ୟମ କରିବା ସମୟରେ ଦୁଇ ଯୁବତୀଙ୍କ ସ୍କୁଟିକୁ ପଛପଟୁ ପିଟିଥିଲେ। ଘଟଣାସ୍ଥଳରେ ଓମ୍, ସୌମ୍ୟରଞ୍ଜନ ଓ ସ୍କୁଟିରେ ଯାଉଥିବା ଦୁଇ ଯୁବତୀ ତଳେ ପଡ଼ି ଯାଇଥିଲେ। ସୂଚନା ଯୋଗ୍ୟ ଯେ, ସୌମ୍ୟରଞ୍ଜନ ରାଗିଯାଇ ଯୁବତୀଙ୍କୁ ମାଡ଼ ମାରିବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସେହିଭଳି ପୀଡ଼ିତା ଯୁବତୀ କ୍ରାଇମବ୍ରାଞ୍ଚକୁ ବୟାନରେ କହିଛନ୍ତି ଯେ ଦୁର୍ଘଟଣା ପରେ ସୌମ୍ୟ ତାଙ୍କୁ ଚାପୁଡ଼ା ମାରିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଚେତା ଫେରିବା ପରେ ପୁଣି ଥରେ ଚାପୁଡ଼ା ମାରିଥିବା ପୀଡ଼ିତା କ୍ରାଇମବ୍ରାଞ୍ଚକୁ ବୟାନ ଦେଇଛନ୍ତି। ସେଦିନ ଘଟଣାସ୍ଥଳକୁ ଜଣେ ପୁଲିସ ଏସ୍‌ଆଇ, ଜଣେ ହାବିଲଦାର, ଜଣେ କନେଷ୍ଟବଳ, ଦୁଇ ଜଣ ହାବିଲଦାର ଯାଇଥିଲେ। ସେମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବା ସହିତ ସମସ୍ତଙ୍କୁ ପୃଥକ ଭାବେ ଜେରା କରିଛି। ସେମାନଙ୍କ ବୟାନ ରେକର୍ଡ କରାଯାଇଛି।

## ଭିଜିଲାନ୍ସ ଜାଲରେ ଭଦ୍ରକ ସିଏଡି ବିଭାଗର ଜୁନିଅର ଇଞ୍ଜିନିୟର



ଭଦ୍ରକ, ୧୪/୫ (ନି.ପ୍ର): ଭଦ୍ରକ ସିଏଡି ବିଭାଗର ଜୁନିଅର ଇଞ୍ଜିନିୟର ଶ୍ରୀ ବିଜୟ କୁମାର ମହାନ୍ତିଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବୁଧବାର ବ୍ୟାପକ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଦୁଇଟି ବହୁମହଲା ଘର, ୭ଟି ମୂଲ୍ୟବାନ ପ୍ଲଟ, ନଗଦ ଟଙ୍କା, ସୁନା ଆଭୂଷଣ ଓ ବ୍ୟାଙ୍କ ଜମା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି ଭିଜିଲାନ୍ସ ସୂଚନା ଅନୁସାରେ, ଭଦ୍ରକ ସମରାଇପୁରରେ ପ୍ରାୟ ୩୫୦୦ ବର୍ଗଫୁଟ ଅଞ୍ଚଳରେ ଥିବା ଏକ ତିନି ମହଲା ବିଲ୍ଡିଂ ଓ ବାଲେଶ୍ୱର ଜିଲ୍ଲା ବସ୍ତା ନରସିଂହଡିହାରେ ପ୍ରାୟ ୨୬୦୦ ବର୍ଗଫୁଟ ବିଶିଷ୍ଟ ଏକ ଦୁଇ ମହଲା ଘର ଚିହ୍ନଟ କରାଯାଇଛି। ଏହାଛଡ଼ା ଭଦ୍ରକ, ଭୁବନେଶ୍ୱର ଉପକଣ୍ଠ, ବସ୍ତା ଓ ରାସଗୋବିନ୍ଦପୁରରେ ମୋଟ ୭ଟି ପ୍ଲଟ ଠାବ ହୋଇଛି। ଚଢ଼ାଉ ସମୟରେ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା, ୩୫୦ ଗ୍ରାମ ସୁନା ଆଭୂଷଣ, ୧୯ ଲକ୍ଷ ୪୬ ହଜାର ୩୭୧ ଟଙ୍କାର ବ୍ୟାଙ୍କ ଜମା, ୩ଟି ଦୁଇଚକିଆ ଯାନ ଓ ପ୍ରାୟ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଜବତ ହୋଇଛି। ◆◆ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ଆଇନ ଶୃଙ୍ଖଳା ସମୀକ୍ଷା

■ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

■କ୍ରାଇମ୍ ମ୍ୟାପିଙ୍ଗ୍, ଗୁଇନ୍ଦା ତଥ୍ୟ, ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି ପାଟ୍ରୋଲିଙ୍ଗ୍

■ଆଗୁଆ ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଆରୋପ



ଭୁବନେଶ୍ୱର, ୧୪/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁବାର ସନ୍ଧ୍ୟାରେ ରାଜ୍ୟ ପ୍ରଶାସନ, ପୋଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍.ପି ମାନଙ୍କ ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇ କହିଛନ୍ତି ଯେ, ରାଜ୍ୟ ପୋଲିସ ଏଭଳି ପଦକ୍ଷେପ ନେଉ ଯାହାଦ୍ୱାରା ପୋଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ସହିତ ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୋଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ ବୋଲି ସେ କହିଥିଲେ। ଯେ କୌଣସି ଅପରାଧିକ କାର୍ଯ୍ୟକଳାପରେ ◆◆ପୃଷ୍ଠା ୭

## ମନି ଲଣ୍ଡରିଂ ମାମଲାରେ ରବର୍ଟ ବାଡ୍ରାଙ୍କୁ ମିଳିଲା ନାହିଁ କୌଣସି ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୪/୫ : ଦିଲ୍ଲୀ ହାଇକୋର୍ଟ ବ୍ୟବସାୟୀ ରବର୍ଟ ବାଡ୍ରାଙ୍କୁ ମନି ଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଭାବରେ ସମନ କରିବା ପାଇଁ ଟ୍ରାଏଲ୍ କୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଛନ୍ତି। ଜଷ୍ଟିସ୍ ମନୋଜ ଜୈନଙ୍କ ନେତୃତ୍ୱାଧୀନ ଏକ ଖଣ୍ଡପୀଠ ମେ ୧୮ ରେ ରବର୍ଟ ବାଡ୍ରାଙ୍କୁ କିଛି ପ୍ରଶ୍ନ ସ୍ପଷ୍ଟ କରିବା ପାଇଁ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଶୁଣାଣି ସମୟରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ପ୍ରତିନିଧିତ୍ୱ କରୁଥିବା ଜୋହେବ ହୁସେନ କହିଛନ୍ତି ଯେ ବଡ୍ରା ଟ୍ରାଏଲ୍ କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ତାଙ୍କ ଆବେଦନରେ ମିଥ୍ୟା ଯୁକ୍ତି ଦେଇଛନ୍ତି। ହୁସେନଙ୍କ ଦାଖଲ ପରେ, କୋର୍ଟ ବଡ୍ରାଙ୍କୁ ଏହି ବିଷୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବଡ୍ରାଙ୍କ ବିରୁଦ୍ଧରେ ଜାରି ସମନ ଉପରେ ସ୍ଥଗିତାଦେଶ ଦେବାକୁ ମନା କରି ୧୬ ମଇରେ ଟ୍ରାଏଲ୍ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ୧୫ ଏପ୍ରିଲରେ ରାଉଜ୍ ଆଭେନ୍ୟୁ କୋର୍ଟ ମନି ଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଭାବରେ ରବର୍ଟ ବାଡ୍ରାଙ୍କୁ ସମନ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ସତ୍ୟାନନ୍ଦ ୟାଜୀ, କେୱଲ ସିଂହ ଭିର୍କ, ମେସର୍ସ ◆◆ପୃଷ୍ଠା ୭

## ସାବରୀମାଳା ମାମଲାର ଶୁଣାଣି ଶେଷ: ସୁପ୍ରିମକୋର୍ଟ ରଖିଛନ୍ତି ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୪/୫ : ସୁପ୍ରିମକୋର୍ଟର ନଅ ଜଣିଆ ସମ୍ବିଧାନ ଖଣ୍ଡପୀଠ ସାବରୀମାଳା ମନ୍ଦିର ମାମଲାର ଶୁଣାଣି ସମାପ୍ତ କରି ନିଷ୍ପତି ସଂରକ୍ଷିତ ରଖିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ୧୬ ଦିନ ଧରି ମାମଲାର ଶୁଣାଣି କରିଥିଲେ। ସୁପ୍ରିମକୋର୍ଟର ନଅ ଜଣିଆ ସମ୍ବିଧାନ ଖଣ୍ଡପୀଠ ଏପ୍ରିଲ ୭ ତାରିଖରେ ମାମଲାର ଶୁଣାଣି ଆରମ୍ଭ କରିଥିଲେ। କେନ୍ଦ୍ର ସରକାର ତାଙ୍କ ସତ୍ୟପାଠରେ କହିଥିଲେ ଯେ ସାବରୀମାଳା ମନ୍ଦିରରେ ଋତୁସ୍ରାବ ବୟସର ମହିଳାଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଧାର୍ମିକ ବିଶ୍ୱାସ ଏବଂ ସ୍ୱାୟତତାର ବିଷୟ। କେନ୍ଦ୍ର ସରକାର କୋର୍ଟକୁ ଏହି ନିଷେଧକୁ ବଜାୟ ରଖିବାକୁ ଅନୁରୋଧ କରିଛନ୍ତି ଏବଂ କହିଛନ୍ତି ଯେ ଏପରି ମାମଲାରେ ନ୍ୟାୟିକ ସମୀକ୍ଷାର ପରିସର ସୀମିତ ହେବା ଉଚିତ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠରେ ବିଚାରପତି ବି.ଭି. ନାଗରତ୍ନା, ଏମ୍.ଏମ୍. ସୁନ୍ଦରେଶ, ଆହସନାଉଦ୍ଦିନ ଅମାନୁଲ୍ଲା, ଆରବିନ୍ଦ କୁମାର, ଏ.ଜେ. ମାସିହ, ◆◆ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟ ଏସଆଇଆର୍ ଘୋଷଣା କଲେ ଇସିଆଇ ୧୬ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ହେବ ଏସଆଇଆର




ନୂଆଦିଲ୍ଲୀ,୧୪/୫ : ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଗୁରୁବାର ଓଡ଼ିଶା ସମେତ ୧୬ ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ତୃତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରିବାକୁ ଘୋଷଣା କରିଛନ୍ତି। କେବଳ ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଓ ଲଦାଖକୁ ଏଥିରୁ ବର୍ତ୍ତମାନ ପାଇଁ ବାଦ୍ ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡୀଗଡ଼, ଦାଦ୍ରା ନଗର ହାଭେଳି ଓ ଦମନ ଦିଉ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଦିଲ୍ଲୀ, ପଞ୍ଜାବ, ସିକ୍କିମ , ତ୍ରିପୁରା, ତେଲଙ୍ଗାନା ଓ ଉତ୍ତରଖଣ୍ଡ ରହିଛି। ଏହି ପର୍ଯ୍ୟାୟରେ ◆◆ପୃଷ୍ଠା ୭

## ରାଜ୍ୟରେ ତେଲ ସଙ୍କଟ ନାହିଁ: ଯୋଗାଣ ସଚିବ

ଭୁବନେଶ୍ୱର, ୧୪/୫ (ନି.ପ୍ର): ରାଜ୍ୟରେ ତେଲ ସଙ୍କଟ ଆଦୌ ନାହିଁ ବୋଲି କହିଛନ୍ତି ଯୋଗାଣ ବିଭାଗ ପ୍ରମୁଖ ସଚିବ ସଂଜୟ ସିଂହ। ସେ କହିଛନ୍ତି ରାଜ୍ୟରେ ୨୦ରୁ ୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ୍ ସ୍ଥିତି ଦେଖାଦେଇଛି । ଡ୍ରାଏ ଆଉଟ୍ ସ୍ଥିତି ମ୍ୟାନେଜମେଂଟର ଅଭାବ ଯୋଗୁଁ ଦେଖାଦେଇଛି। ତେଲ ଅଭାବ ଯୋଗୁଁ ଆଦୌ ଡ୍ରାଏ ଆଉଟ୍ ସ୍ଥିତି ଦେଖାଦେଇନି। ସ୍ୱାଭାବିକ ସ୍ଥିତିରେ ବି ୨୦/୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ୍ ସ୍ଥିତି ଦେଖାଯାଏ। ଏଭଳି ଡ୍ରାଏ ଆଉଟ୍ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ। ଭୟଭୀତ ହୋଇ ଆଦୌ ତେଲ ନକିଣିବାକୁ ଯୋଗାଣ ବିଭାଗ ପ୍ରମୁଖ ସଚିବ ପରାମର୍ଶ ଦେଇଛନ୍ତି। ସେହିପରି ଘରୋଇ ବସ୍ ମାଲିକ ସଂଘର ଆଶଙ୍କା ଭିତିହୀନ, ବସ୍ ଚାଲିବାରେ ଅସୁବିଧା ନାହିଁ ବୋଲି ସେ କହହିଛନ୍ତି।

## ଲାଗୁ ହେଲା ଦୁଇ ଦିନିଆ ୱାର୍କ ଫ୍ରମ ହୋମ ନିୟମ: ବର୍ଷେ ଯାଏ ବିଦେଶ ଯିବେନି ମନ୍ତ୍ରୀ



ନୂଆଦିଲ୍ଲୀ,୧୪/୫ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ଦେଶରେ ତୈଳ ସଙ୍କଟ ଦେଖିବାକୁ ମିଳିଛି। ଗତ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପେଟ୍ରୋଲ ଓ ଡିଜେଲ ବ୍ୟବହାର କମ କରିବାକୁ କହିଥିଲେ। ଏଥିସହ ୱାର୍କ ଫ୍ରମ ହୋମ ବା ଘରେ ରହି କାମ କରିବାର ପରମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଘୋଷଣା ପରେ ଏବେ ଦିଲ୍ଲୀରେ ଲାଗୁ ହୋଇଛି ଦୁଇ ଦିନିଆ ୱାର୍କ ଫ୍ରମ ହୋମ ନିୟମ। ସେହିପରି ଦିଲ୍ଲୀର କୌଣସି ମନ୍ତ୍ରୀ ଆସନ୍ତା ଗୋଟିଏ ବର୍ଷ ଯାଏ ବିଦେଶ ଗସ୍ତ କରିବେ ନାହିଁ। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତାଙ୍କ ଘୋଷଣା ଅନୁଯାୟୀ, ଏଣିକି ଦିଲ୍ଲୀର ସରକାରୀ ଅଫିସର କର୍ମଚାରୀମାନେ ◆◆ପୃଷ୍ଠା ୭

## କେରଳ ମୁଖ୍ୟମନ୍ତ୍ରୀ ହେବେ ଭିଡି ସତୀଶନ୍



ନୂଆଦିଲ୍ଲୀ,୧୪/୫ : ବରିଷ୍ଠ କଂଗ୍ରେସ ନେତା ତଥା ଛଅଥରର ବିଧାୟକ ଭିଡି ସତୀଶନ ହେବେ କେରଳ ଆଗାମୀ ମୁଖ୍ୟମନ୍ତ୍ରୀ। ମେ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ବିଜୟୀ ୟୁଡିଏଫ୍ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ ଗତ ୧୦ ଦିନ ହେଲା ସସ୍‌ପେନ୍ସ ଜାରି ରହିଥିଲା। ଗୁରୁବାର କଂଗ୍ରେସ ହାଇକମାଣ୍ଡ ସତୀଶନଙ୍କ ନାଁରେ ମୋହର ମାରିଛନ୍ତି। ବରିଷ୍ଠ କଂଗ୍ରେସ ସାଂସଦ କେସି ବେଣୁଗୋପାଳ, ରମେଶ ଚେନ୍ନିଥଲା ଓ ସତୀଶନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲା। ବିଧାନସଭା ନିର୍ବାଚନ ଫଳାଫଳ ପରେ ପ୍ରାୟ ୧୦ ଦିନର କଳ୍ପନାଜଳ୍ପନା ଓ ଆଭ୍ୟନ୍ତରୀଣ ଆଲୋଚନାର ଅନ୍ତ ଘଟାଇ କଂଗ୍ରେସ ଗୁରୁବାର ଦିନ ସତୀଶନ୍‌ଙ୍କୁ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି।କେରଳ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ପୂର୍ବରୁ ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଦଳର ଶୀର୍ଷ ନେତାଙ୍କ ସହ ଶେଷ ମୁହୂର୍ତ୍ତରେ ଆଲୋଚନା କରିଥିଲେ। ସୂତ୍ର ଅନୁସାରେ ଖଡ଼ଗେ କେରଳ ପାଇଁ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ଦୀପା ଦାସମୁନସି ଓ ଦୁଇ ବରିଷ୍ଠ ପର୍ଯ୍ୟବେକ୍ଷକ ଅଜୟ ମାକେନ ଓ ମୁକୁଲ ୱାସନିକ୍‌ଙ୍କ ସହିତ ଆଲୋଚନା କରିଥିଲେ, ଯେଉଁମାନେ ପୂର୍ବରୁ ରାଜ୍ୟର ସମସ୍ତ ନବନିର୍ବାଚିତ ବିଧାୟକଙ୍କୁ ଭେଟିଥିଲେ। ବୁଧବାର ସନ୍ଧ୍ୟାରେ ଖଡ଼ଗେ ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ମଧ୍ୟରେ ୩୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ରାହୁଲ ଗାନ୍ଧୀ ଗୁରୁବାର ସକାଳେ ବେଣୁଗୋପାଳଙ୍କୁ ଭେଟିଥିଲେ।

# ଗଦି ବଜାର ଦୋକାନ ଉଚ୍ଛେଦ କରିବାରେ ପ୍ରଶାସନ ବିଫଳ: ପାତର ଅନ୍ତର ଉଚ୍ଛେଦକୁ ନେଇ ପେଟ୍ରୋଲ ଢାଳି ବ୍ୟବସାୟୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭଦ୍ରକ, ୧୪/୦୫ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ତହସିଲ ଅଧିନ ଗଦି ବଜାରରେ ଦୋକାନ ଉଚ୍ଛେଦ କରିବାରେ ପ୍ରଶାସନ ବିଫଳ ହୋଇଛି। ବୁଧବାର ସକାଳେ ପ୍ରଶାସନ ଗଦି ବଜାରରେ ଥିବା ୮୮ ଟି ଦୋକାନ ଉଚ୍ଛେଦ କରିବାକୁ ଯାଇଥିଲେ।ମାତ୍ର ପ୍ରଶାସନ ୮ଟି ଦୋକାନ ଉଚ୍ଛେଦ କରିବା ବ୍ୟବସାୟୀ ମାନେ ଜାଣି ପାରିଥିଲେ।ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବ୍ୟବସାୟୀମାନେ କହିଥିଲେ ଯେ, ଯଦି ଆମ ଦୋକାନ ଭାଙ୍ଗିବ ତେବେ ସମସ୍ତଙ୍କର ଭାଙ୍ଗ, ନହେଲେ ଫେରିଯାଅ । ନୋଟିସ କରିଛ ୮୮ଜଣ ବ୍ୟବସାୟୀଙ୍କୁ ଅଥଚ ୮ଟି ଦୋକାନ ଭାଙ୍ଗିବାକୁ କାହିଁକି ଆସିଛ ବୋଲି ସେମାନେ ପ୍ରଶ୍ନ ଉଠାଇ ପ୍ରତିବାଦ କରିଥିବା ବେଳେ ଜଣେ ବ୍ୟବସାୟୀ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ଏପରି ପାତର ଅନ୍ତର ଉଚ୍ଛେଦକୁ ବ୍ୟବସାୟୀ ବିରୋଧ କରିବାରୁ ଉଚ୍ଛେଦ ସ୍ଥଳରେ ଉତେଜନା ଦେଖାଦେଇ ଭଦ୍ରକ -ଚାନ୍ଦବାଲି ରାସ୍ତା କିଛି ସମୟ ପାଇଁ ଅବରୋଧ ହୋଇଯାଇଥିଲା।ଯାହା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବ୍ୟବସାୟୀମାନଙ୍କ ପ୍ରତିବାଦରେ ନିରୁପାୟ ହୋଇ ଦୋକାନ ଗୃହ ଉଚ୍ଛେଦ କରି ନପାରି ପ୍ରଶାସନ ବିଫଳ ହୋଇ ଫେରି ଆସିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ଗଦି ବଜାରରେ ସରକାରୀ ଜାଗା ଅବରୋଧ କରି କେତେକ ବ୍ୟକ୍ତି ଦୋକାନ ଗୃହ ନିର୍ମାଣ କରି ଦୀର୍ଘ ଦିନ ହେଲା ବିଭିନ୍ନପ୍ରକାର ବ୍ୟବସାୟ ଚଳାଇ ଆସୁଛନ୍ତି । ତେବେ ତହସିଲ କାର୍ଯ୍ୟାଳୟ ପକ୍ଷରୁ କିଛିଦିନ ପୂର୍ବେ ବଜାରରେ ଥିବା ୮୮ଦୋକାନୀଙ୍କୁ ସରକାରୀ ଜାଗା ଖାଲି କରିବାକୁ ନୋଟିସ ଦିଆ ଯାଇଥିଲା। ଏପରିକି ବୁଧବାର ଦୋକାନ ଗୃହ ଭଙ୍ଗାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା । ତେବେ ଉଚ୍ଛେଦ ପୂର୍ବରୁ କେତେକ ଦୋକାନୀ ନିଜ ଦୋକାନ ଭାଙ୍ଗିବା ଆରମ୍ଭ କରିଥିଲେ । ତେବେ ବୁଧବାର ପ୍ରଶାସନ ପକ୍ଷରୁ ଗୋଟିଏ ଦୋକାନକୁ ଜେସିବି ସହାୟତାରେ ଭଙ୍ଗା ଯାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବଜାରରେ ୮୮ ପରିବର୍ତ୍ତେ ୮ଟି ଦୋକାନ ଭଙ୍ଗାଯିବ ବୋଲି ବ୍ୟବସାୟୀମାନେ କୌଣସି ସୂତ୍ରରୁ ଜାଣିବା ପରେ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସେମାନେ ଏପରି ପାତର ଅନ୍ତର ଉଚ୍ଛେଦର ବିରୋଧ କରି ଯଦି ଭାଙ୍ଗିବ ୮୮ ଦୋକାନ ଭାଙ୍ଗ ନହେଲେ ଦୋକାନ ଭାଙ୍ଗିବାକୁ ଛାଡ଼ିବୁ ନାହିଁ ବୋଲି କହି ଆନ୍ଦୋଳନ କରିବାରୁ ଉତେଜନା ପ୍ରକାଶ ପାଇଥିଲା। ଏପରିକି ଜଣେ ବ୍ୟବସାୟୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବାକୁ ଉଦ୍ୟମ କରି ଦୋକାନ ଭାଙ୍ଗିବ ଆମେକାହିଁକି ବଂଚିବୁ ବୋଲି କହିଥିବା ବେଳେ ଅନ୍ୟ ବ୍ୟବସାୟୀମାନେ ଜେସିବି ସାମ୍ନାରେ ଠିଆ ହୋଇ ବିରୋଧ କରିଥିଲେ । ବ୍ୟବସାୟୀଙ୍କ ସହିତ ସ୍ଥାନୀୟ ଅଧିବାସୀ ରାସ୍ତାକୁ ଆସିଯିବାରୁ ଭଦ୍ରକ -ଚାନ୍ଦବାଲି ରାଜ୍ୟ ରାଜପଥର ଗଦି ବଜାରରେ ରାସ୍ତାରୋକ ପରସ୍ଥିତି ଉପୁଜି ଯାନବାହାନ ଚଳାଚଳ କିଛି ସମୟ ବନ୍ଦ ରହିଥିଲା । ପରିସ୍ଥିତି ଅଣାୟତ ହେବାରୁ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରଖି ଅତିରିକ୍ତ ତହସିଲଦାର ସତୀଶ କୁମାର ରାଉତ, ଆରଆଇ ନିହାର ରଞ୍ଜନ ଦାସ, ସୁପରଭାଇଜର ଧନେଶ୍ୱର ମାରାଣ୍ଡି ଓ ଚନ୍ଦନ କୁମାର ମହାନ୍ତି, ଅମିନ ଅମିତ କୁମାର ପାଢ଼ୀ ପ୍ରମୁଖ ନିକଟସ୍ଥ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏନେଇ ଆଲୋଚନା କରିଥିଲେ । ଏସମ୍ପର୍କରେ ଅତିରିକ୍ତ ତହସିଲଦାର ସତୀଶ କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତିଯେ, ଗୋଟିଏ ଜେସିବି ସହାୟତାରେ ସମସ୍ତ ଦୋକାନ ଭାଙ୍ଗିବା ସମ୍ଭବ ନଥିବାରୁ କିଛି ଦୋକାନ ଭାଙ୍ଗିବାକୁ ସ୍ଥିର ହୋଇଥିଲା। ପରବର୍ତୀ ସମୟରେ ଅଧିକ ପ୍ରସ୍ତୁତି ନିଆଯାଇ ଜବରଦଖଲରେ ଥିବା ସମସ୍ତ ଦୋକାନକୁ ଉଚ୍ଛେଦ କରାଯିବ ବୋଲି ସେ କହିଥିଲେ । ଆଇନ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚ୍ଛେଦ ସ୍ଥଳରେ ପିରାହାଟ ଆଇଆଇସି ରୋଜାଲିନ ବେହେରା ଉପସ୍ଥିତ ଥିବାବେଳେ ୨ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଭଦ୍ରକରେ ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମରେ ଲିଙ୍ଗଗତ ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ, ୧୪/୦୫ (ନି.ପ୍ର): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ପକ୍ଷରୁ ଭଦ୍ରକ ଜିଲ୍ଲାରେ "ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମରେ ଲିଙ୍ଗଗତ ମୁଖ୍ୟଧାରାକରଣ " କାର୍ଯ୍ୟକ୍ରମ ଆଜି ସକାଳ ୧୦.୦୦ ଘଟିକା ସମୟରେ ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ବିପର୍ଯ୍ୟୟ ସମୟରେ ଲିଙ୍ଗ ଅସମାନତା ଏକ ପକ୍ଷରେ ବିପଦର କାରଣ ହୋଇଥାଏ ଓ ଅନ୍ୟପକ୍ଷରେ ଏହାର ପରିଣାମ ଭାବେ ପ୍ରଭାବ ପକାଇଥାଏ। ଏହି ପରିପ୍ରେକ୍ଷୀରେ ବିପର୍ଯ୍ୟୟ ବିପଦ ନିରାକରଣ (ଡିଆରଆର) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତିମୂଳକ ଓ ଲିଙ୍ଗ ରୂପାନ୍ତରମୂଳକ ପଦ୍ଧତିକୁ ଆପଣେଇବାକୁ ଏକ ପ୍ରଭାବଶାଳୀ ରଣନୀତି ଭାବେ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ମହିଳା, କିଶୋରୀ, ଅନ୍ୟ ଲିଙ୍ଗ ଅଲ୍ପସଂଖ୍ୟକ, ଭିନ୍ନକ୍ଷମ ବ୍ୟକ୍ତି ଓ ବୃଦ୍ଧବୃଦ୍ଧାଙ୍କ ସମେତ ସମସ୍ତ ସମ୍ବେଦନଶୀଳ ବର୍ଗଙ୍କ ପାଇଁ ଆବଶ୍ୟକତା ଆଧାରିତ ସହାୟତା ଓ ସୁରକ୍ଷା ସୁନିଶ୍ଚିତ କରିବା। ପ୍ରକଳ୍ପ ଅଧୀନରେ ମହିଳାଙ୍କର ସ୍ୱରକୁ ଶକ୍ତିଶାଳୀ କରିବା ସହ ବିପର୍ଯ୍ୟୟ ପରିଚାଳନା, ଉଦ୍ଧାର କାର୍ଯ୍ୟ, ସାମୁଦାୟିକ ସ୍ୱାସ୍ଥ୍ୟ ସେବା ଓ ମନୋସାମାଜିକ ସହାୟତାରେ ସେମାନଙ୍କ ଭୂମିକାକୁ ଅଧିକ ଦୃଶ୍ୟମାନ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହାସହ ବିପର୍ଯ୍ୟୟ ଓ ପରବର୍ତୀ ସମୟରେ ଲିଙ୍ଗ ଆଧାରିତ ହିଂସା ଓ କ୍ଷତିକାରକ ସାମାଜିକ ପ୍ରଥାକୁ ଦୂର କରିବା ପାଇଁ ସଚେତନତା କରାଯିବ ବୋଲି ଜେଣ୍ଡର ସ୍ପେଶାଲିଷ୍ଟ ଅରଣ୍ୟକ ମିଶ୍ର ସୂଚନା ଦେଇଛନ୍ତି। ମହିଳାଙ୍କ ନେତୃତ୍ୱକୁ ପ୍ରୋତ୍ସାହନ ଦେଇ ସମାଜର ବିପର୍ଯ୍ୟୟ ସହନଶୀଳତା ବୃଦ୍ଧି କରିବା ମଧ୍ୟ ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ସୂଚନା ମିଳିଛି। ଏହି କର୍ମଶାଳାରେ ଜିଲ୍ଲାପାଳ ଦିଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନାରେ ଲିଙ୍ଗଗତ ସମତା ଓ ସମସ୍ତ ବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ। ସେ ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ସୁରକ୍ଷା ଓ ସମାବେଶୀ ଦୃଷ୍ଟିକୋଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ କହିଥିଲେ ଯେ, ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଓ ପରିଚାଳନାରେ ସମାଜର ପ୍ରତ୍ୟେକ ଶ୍ରେଣୀକୁ ସାମିଲ କରିବା ଆବଶ୍ୟକ। ଲିଙ୍ଗଗତ ସଚେତନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ବିପର୍ଯ୍ୟୟ ଜନିତ କ୍ଷତିକୁ ହ୍ରାସ କରାଯାଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର (ଜରୁରୀ) ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଓଏସଡିଏମଏର ଡିପିଓ ଅମ୍ଳାନ ଅନୁପମ ସେନାପତି ଓ ଜେଣ୍ଡର ସ୍ପେଶାଲିଷ୍ଟ ଅରଣ୍ୟକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ଝୁଙ୍କି ହ୍ରାସରେ ଲିଙ୍ଗଗତ ମୁଖ୍ୟଧାରାକରଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

# ୮ରୁ ୧୫ ବର୍ଷ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ଗ୍ରୀଷ୍ମକାଳୀନ ଭାର ଉତ୍ତୋଳନ ଶିବିର

କେନ୍ଦ୍ରାପଡ଼ା, ୧୪/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗ ଜିଲ୍ଲା ପ୍ରଶାସନ କ୍ରୀଡ଼ା ବିଭାଗ ତରଫରୁ ବହୁମୁଖୀ ଇନ୍ଦୋର ଷ୍ଟାଡିୟମ୍ ଠାରେ ଗ୍ରୀଷ୍ମକାଳୀନ ଭାର ଉତୋଳନ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୮ରୁ ୧୫ ବର୍ଷ ବୟସ୍କ ପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଭାଗ ନେଇଛନ୍ତି। ଶିବିରଟି ଆସନ୍ତା ୧ ମାସ ଧରି ପ୍ରତିଦିନ ଅପରାହ୍ନ ୪ଟାରୁ ସଂଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିବିର ମାଧ୍ୟମରେ କ୍ରୀଡ଼ାବିତ୍‌ଙ୍କୁ ଭାର ଉତୋଳନ ପ୍ରାଥମିକ କୌଶଳ, ଶାରିରୀକ ସୁସ୍ଥତା ଓ ନିୟମିତ ଅଭ୍ୟାସ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସହ କ୍ରୀଡ଼ା ପ୍ରଶିକ୍ଷକ ଓ କର୍ମକର୍ତା ଉପସ୍ଥିତ ଥିଲେ।

# ପୁରୀରୁ କୋରାପୁଟ ଚାଲିବ ଏକ୍ସପ୍ରେସ୍

ଜୟପୁର, ୧୪/୦୫ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଆନନ୍ଦ ଓ ଗୌରବର ଖବର। ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଖୁବଶୀଘ୍ର ପୁରୀରୁ କୋରାପୁଟ ସିଧାସଳଖ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବାକୁ ଯାଉଥିବା ସୂଚନା ସମଗ୍ର କୋରାପୁଟବାସୀଙ୍କ ପାଇଁ ନିଶ୍ଚୟ ଏକ ଐତିହାସିକ ପଦକ୍ଷେପ।

ଜୟପୁର ଓ କୋରାପୁଟ ଅଂଚଳର ଲୋକଙ୍କ ସୁବିଧା ପାଇଁ ବିଧାୟକ ତାରା ପ୍ରସାଦ ବାହିନୀପତି ବାରମ୍ବାର ଜୟପୁରରୁ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଦାବି କରିଥିଲେ । ସେହି ଦାବି ପୂରଣ ଦିଗରେ କେନ୍ଦ୍ର ରେଳ ମନ୍ତ୍ରାଳୟଙ୍କ ଏହି ପଦକ୍ଷେପ ନେଇଛନ୍ତି ।

ଏହି ଜନହିତକର ନିଷ୍ପତି ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି। ଆଶା କରୁଛି ଖୁବଶୀଘ୍ର ଏହି ଟ୍ରେନ୍ ସେବାକୁ କାର୍ଯ୍ୟକାରୀ କରାଯିବ ଏବଂ ଏଥିରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଲକ୍ଷଲକ୍ଷ ଲୋକ ଉପକୃତ ହେବେ। ଜନତାଙ୍କ ଦାବି, ଜନତାଙ୍କ ଅଧିକାର ପାଇଁ ମୋର ସଂଘର୍ଷ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଧାୟକ ସୂଚନା ଦେଇଛନ୍ତି ।

# ଭାରତ ଇନୋଭେଟସର 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତା

## ଭାରତର ଡିପ-ଟେକ୍ ଏବଂ ଅଭିନବ ଗବେଷଣା ସୁଦୃଢ଼ ହେବ - ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ, ୧୪/୦୫ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟସ ୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ ଅଧ୍ୟକ୍ଷତା କରିଛନ୍ତି । ଏହି ଅବସରରେ ସେ ବିଶ୍ୱର ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀମାନଙ୍କ ସହ ଭାରତର ଡିପ-ଟେକ୍ ଏବଂ ଗବେଷଣାଭିତ୍ତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଏବଂ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ । ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍‌ଥ-ଟେକ୍ ଏବଂ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି ।

ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଶ୍ନ ଭାରତ ଇନୋଭେସନ କରୁଛି କି ନାହିଁ ତାହା ନୁହେଁ, ବରଂ "ଭାରତ ସହିତ କିଏ ଇନୋଭେସନ କରିବ" ତାହା ଗୁରୁତ୍ୱପୂର୍ଣ୍ଣ । ଏହି ଦିଗରେ ଫ୍ରାନ୍ସ ଭାରତର ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହୋଇଛି । ୨୦୨୬ ପ୍ରାରମ୍ଭରେ ସ୍ୱାକ୍ଷରିତ ହୋଇଥିବା 'ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି'କୁ ଶ୍ରୀ ପ୍ରଧାନ "ସମସ୍ତ ଚୁକ୍ତିର ଜନନୀ" ଭାବେ ବର୍ଣ୍ଣନା କରିଛନ୍ତି । ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶ ଏବଂ ପ୍ରାୟ ୨୦୦ କୋଟି ଜନସଂଖ୍ୟାକୁ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ଆର୍ଥିକ ସହଯୋଗୀ ଭାବେ ସେ ଅଭିହିତ କରିଛନ୍ତି । ତେବେ ଆଗାମୀ ଦିନରେ ଫ୍ରାନ୍ସର ନିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ପୁଞ୍ଜିନିବେଶକ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ପ୍ଲାଟଫର୍ମ ସାଜିବ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । 'ବିକଶିତ ଭାରତ' ଆଡ଼କୁ ଅଗ୍ରସର ହେବା ସହ ଭାରତ ସମଗ୍ର ବିଶ୍ୱ ପାଇଁ ସମାଧାନ ସହ-ନିର୍ମାଣ କରିବାରେ ବିଶ୍ୱାସ କରେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ଦ୍ୱାଦଶ ବୋର୍ଡ଼ ପରୀକ୍ଷାରେ ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ଝାରସୁଗୁଡ଼ା, ୧୪/୦୫ (ନି.ପ୍ର): ସିବିଏସଇ ଦ୍ୱାଦଶ ବୋର୍ଡ଼ ପରୀକ୍ଷାରେ ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ଶତ ପ୍ରତିଶତ ଓ ଉଲ୍ଲେଖନୀୟ ସଫଳତା ବିଦ୍ୟାଳୟ ଲାଗି ଗର୍ବ ଓ ଗୌରବ ଆଣି ଦେଇଛି । ଦ୍ୱାଦଶ ବୋର୍ଡ଼ ବିଜ୍ଞାନରେ ପରୀକ୍ଷା ଦେଇଥିବା ୯୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ବିଜ୍ଞାନରେ ଅଦୀତି ୟାଦବ ୯୬.୬, ସିଦ୍ଧାନ୍ୱୀ ମିଶ୍ର ୯୪.୬ ଓ ପିନାକୀ ଚଟ୍ଟର୍ଜୀ ୯୩.୨, ସ୍ୱୟଂଶ୍ରୀ ହୋତା ୯୨.୨, ଓମ ସୌମ୍ୟ ପ୍ରକାଶ ସାହୁ ୯୨, ଆମ୍ରିତାଂଶୁ କୁମାର ୯୧.୨, ସୁବ୍ରତ ମିରିଗ ୯୧.୦, ରଶ୍ମିତା ଦାଶ ୯୦.୧ ଓ ଅଂଶୁମାନ ସ୍ୱାଇଁ ୯୦.୦ ପ୍ରତିଶତ ହାସଲ କରିଛନ୍ତି । ସେହିପରି ବାଣିଜ୍ୟରେ ମୋଟ ୪୧ ଜଣଙ୍କ ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ମିତୁଲ ବାଙ୍ଗଡ଼ ୯୭.୦, ବୈଷ୍ଣବୀ ଗୋୟଲ ୯୬.୮, ନୀରବ ଅଗ୍ରୱାଲ ୯୬.୬, ଗଣିକା ଜୈନ ୯୬.୪, ଦୃଷ୍ଟି ସିଂ ୯୫.୦, ଅଞ୍ଜଳି ପାଢ଼ୀ ୯୪.୦, ପ୍ରତୀକ ଚନ୍ଦ୍ର ସାଗର ୯୩.୮, ମାହୀ ପଣ୍ଡିତ ୯୨.୪, ସୁସ୍ମିତା ଦାଶ ୯୧.୮ ଓ ଅମନ ବର୍ମା ୯୦.୮ ପ୍ରତିଶତ ହାସଲ କରିଛନ୍ତି। ଦ୍ୱାଦଶ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୧୩୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୧ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ତଥା ପ୍ରଥମ ଶ୍ରେଣୀରେ ପାସ କରି ବିଦ୍ୟାଳୟ ଇତିହାସରେ ନୂତନ ଫର୍ଦ୍ଦ ଯୋଡ଼ିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଓ ସୁପରଭାଇଜର ନୀଳିମା ପଟେଲଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଅପୂର୍ବ ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହିତ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ପ୍ରଶଂସନୀୟ ସଫଳତା ପାଇଁ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ଆରଏସପି ପକ୍ଷରୁ ପାର୍ଶ୍ୱାଞ୍ଚଳ ଗ୍ରାମର ୬୫୭ ଜଣ ଛାତ୍ରଛାତ୍ରୀଙ୍କୁ ୧୩.୧୩ ଲକ୍ଷ ଟଙ୍କାର ଶିକ୍ଷା ଯୋଗ୍ୟତାଭିତ୍ତିକ ପୁରସ୍କାର ପ୍ରଦାନ



ରାଉରକେଲା , ୧୪/୦୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ନୂଆଗାଁ, ବିସ୍ରା, କୁଆରମୁଣ୍ଡା ଏବଂ ଲାଠିକଟା ରାଜସ୍ୱ ବ୍ଲକ, ଇସ୍ପାତ ଆଦର୍ଶ ଗ୍ରାମ, ପୁନଃବସତି କଲୋନୀ/କ୍ୟାମ୍ପର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୟୁପି ସ୍କୁଲ ଏବଂ ଉଚ୍ଚ ବିଦ୍ୟାଳୟର ସପ୍ତମ ଏବଂ ଦଶମ ଶ୍ରେଣୀର ମୋଟ ୬୫୭ ଜଣ ମେଧାବୀ ପାସ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଯୋଗ୍ୟତାଭିତ୍ତିରେ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଗତ ମଇ ୮ ତାରିଖ ଦିନ ସିଏସଆର ବିଭାଗର ଇନଷ୍ଟିଚ୍ୟୁଟ୍ ଫର୍ ପେରିଫେରାଲ୍ ଡେଭଲପମେଣ୍ଟ (ଆଇପିଡି) ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଏସଏମଏସ-୧ ବିଭାଗ ର ସିଜିଏମ ଶ୍ରୀ ବି ସୁନୀଲ କାର୍ଥା, କେତେକ ଛାତ୍ରଛାତ୍ରୀଙ୍କୁ ଡମି ଚେକ୍ ପ୍ରଦାନ କରିବା ସହିତ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଅନଲାଇନ ଜରିଆରେ ଟଙ୍କା ପଠା ଯାଇଥିଲା। ଏହି ଅବସରରେ ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ୍ ମିତ୍ର, ଡି ଜି ଏମ, ଶ୍ରୀ ଆର.ଏସ୍. ବାରାଙ୍କ ସମେତ ଆରଏସପିର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି କ୍ରମରେ ଗତ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପରୀକ୍ଷାର ଫଳାଫଳ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି। ଏହି ଚୟନ ତାଲିକାରେ ମୋଟ ୬୬ଟି ହାଇସ୍କୁଲରୁ ମୋଟ ୨୦୩ ଜଣ ଛାତ୍ରଛାତ୍ରୀ ଏବଂ ୧୫୦ଟି ୟୁପି ସ୍କୁଲରୁ ୪୫୪ ଜଣ ଛାତ୍ରଛାତ୍ରୀ ଥିଲେ। ପ୍ରତ୍ୟେକ ସ୍କୁଲର ପୁଅ ଏବଂ ଝିଅଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୩୦୦୦/- ଟଙ୍କା, ୨୦୦୦/- ଟଙ୍କା ଏବଂ ୧୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଛାତ୍ରବୃତ୍ତି ପାଇଁ ମୋଟ ୧୩.୧୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରୀ କାର୍ଥା ତାଙ୍କ ଅଭିଭାଷଣରେ, ପାର୍ଶ୍ୱବର୍ତ୍ତୀ ଲୋକଙ୍କର ସାମଗ୍ରିକ ବିକାଶ ପାଇଁ ଆର ଏସ ପି ର ବହୁବିଧ ସି ଏସ ଆର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରବୃତ୍ତିର ଶ୍ରେଷ୍ଠ ବ୍ୟବହାର କରିବା ସହିତ ନିଷ୍ଠାର ସହିତ ସେମାନଙ୍କର ଶୈକ୍ଷିକ ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ଥିଲେ । ପ୍ରାରମ୍ଭରେ ସୁଶ୍ରୀ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଶ୍ରୀ ଆର.ଏସ୍. ବାରା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସିଏସଆର ବିଭାଗର ସେକ୍ସନ ଅଫିସର ଶ୍ରୀ ବି ଏକ୍କା, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଧାନ ଦେଇ ୧୦୬ ଦିନ ହେଲା ଧାନର ଟଙ୍କା ମିଳିଲାନି: ଭାଙ୍ଗିପଡ଼ିଛି ମାଲକାନଗିରିର ଚାଷୀ ପରିବାର

ମାଲକାନଗିରି, ୧୪/୦୫ (ନି.ପ୍ର): ସରକାରୀ ଧାନ କ୍ରୟ ବ୍ୟବସ୍ଥା ଉପରେ ଭରସା କରି ଜଣେ ଗରିବ ଚାଷୀ ନିଜ ପରିଶ୍ରମର ଫସଲ ବିକ୍ରୟ କଲେ। ଭାବିଥିଲେ, କିଛି ଦିନ ମଧ୍ୟରେ ଧାନର ଟଙ୍କା ମିଳିଯିବ, ଘରର କରଜ ସୁଝିବେ , ପରିବାରର ଦୁଃଖ କମିବ। କିନ୍ତୁ ଆଜି ସେହି ଚାଷୀ ନିଜ ଟଙ୍କା ପାଇଁ ସରକାରୀ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଘୁରି ଘୁରି ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି।

ମାଲକାନଗିରି ଜିଲ୍ଲା ଏମ ଭି ୯୬ ଗ୍ରାମର ଛୋଟ ଚାଷୀ ପ୍ରତାପ ବରାଳ ଗତ ଜାନୁଆରୀ ୨୭ ତାରିଖରେ ଏମଭି ୭୯ ଧାନ କ୍ରୟ କେନ୍ଦ୍ରରେ ୪୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ହେଲେ ଆଜିକୁ ଠିକ୍ ୧୦୬ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ। ପ୍ରତ୍ୟେକ ଦିନ ଘର ଦୁଆରକୁ କରଜ ଦେଇଥିବା ଲୋକେ ଆସୁଛନ୍ତି। ଧାନ ଚାଷ ପାଇଁ ନେଇଥିବା ଋଣ ଏବେ ତାଙ୍କ ପରିବାର ପାଇଁ ଅଭିଶାପ ହୋଇଯାଇଛି। ଘରେ ଚୁଲି ଜଳିବା କଷ୍ଟକର ହୋଇପଡ଼ିଛି। ପିଲାଙ୍କ ଭବିଷ୍ୟତ, ପରିବାରର ଆବଶ୍ୟକତା ଓ ଦିନକୁ ଦିନ ବଢ଼ୁଥିବା ଚିନ୍ତା ମଧ୍ୟରେ ଏହି ଚାଷୀ ପରିବାର ନିରାଶାରେ ଦିନ କାଟୁଛି। ସବୁଠୁ ବଡ଼ କଥା ହେଲା, ପ୍ରତାପ ବରାଳ କେବଳ ଗୋଟିଏ ଜାଗାରେ ନୁହେଁ, ଜନଶୁଣାଣି ୱେବସାଇଟ୍ରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ସମସ୍ତ ଦୁଆରେ ନ୍ୟାୟ ଭିକ୍ଷା କରିଛନ୍ତି। କିନ୍ତୁ ପ୍ରତ୍ୟେକ ସ୍ଥାନରୁ ମିଳିଛି କେବଳ ଗୋଟିଏ ଉତ୍ତର — ଅପେକ୍ଷା କରନ୍ତୁ..."ଏହି ୭ ଦିନ ଓ ୧୦ ଦିନର ପ୍ରତିଶ୍ରୁତି ମଧ୍ୟରେ ୫ ମାସ ବିତିଗଲାଣି।ସମ୍ପ୍ରତି ଲୁଗେଲ ପଞ୍ଚାୟତରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ମଧ୍ୟ ସେ ନିଜ ଦୁଃଖ ଜଣାଇଥିଲେ। ସେଠାରେ କାଲିମେଳା ବ୍ଲକ ଯୋଗାଣ ନିରୀକ୍ଷକ ଚିନ୍ମୟ ସାହୁ ପୁଣି ୧୦ ଦିନ ସମୟ ମାଗିଥିଲେ। କିନ୍ତୁ ଆଜି ପୁଣି ଯୋଗାଯୋଗ କରିବାରୁ "ଆଉ କିଛି ସମୟ ଲାଗିବ" ବୋଲି କୁହାଯାଇଥିବାରୁ ଚାଷୀ ପରିବାରର ଧୈର୍ଯ୍ୟ ଭାଙ୍ଗିପଡ଼ିଛି। ପ୍ରତାପ ବରାଳଙ୍କ କଣ୍ଠରେ ଏବେ କେବଳ ଯନ୍ତ୍ରଣା 'ମୁଁ ସରକାରଙ୍କୁ ଧାନ ଦେଇ କଣ ଭୁଲ କରିଥିଲି ? ନିଜ ପରିଶ୍ରମର ଟଙ୍କା ପାଇଁ ଏତେ ଅପମାନ ସହିବାକୁ ପଡ଼ିବ ବୋଲି କେବେ ଭାବିନଥିଲି।"

ନିକଟରେ ଓଡ଼ିଶାରେ ବ୍ୟାଙ୍କରୁ ଟଙ୍କା ନମିଳିବାରୁ ଜଣେ ଭଉଣୀଙ୍କ ମୃତଦେହ ନେଇ ହଇରାଣ ହେବା ଘଟଣା ସମଗ୍ର ରାଜ୍ୟକୁ ହଲାଇ ଦେଇଥିଲା। ଏବେ ପ୍ରତାପ ବରାଳଙ୍କ ଘଟଣା ମଧ୍ୟ ସରକାରୀ ବ୍ୟବସ୍ଥାର ଧୀର ଗତି ଓ ଅବହେଳା ଉପରେ ବଡ଼ ପ୍ରଶ୍ନ ଉଠାଇଛି।

ସମୟ ଥିବାବେଳେ ସରକାର ଓ ପ୍ରଶାସନ ଏଭଳି ହତାଶ ଚାଷୀଙ୍କ ମାନସିକ ସ୍ଥିତିକୁ ବୁଝିବା ଆବଶ୍ୟକତା ରହିଛି। କାରଣ ଦୀର୍ଘଦିନ ଧରି ଅନ୍ୟାୟ, ଅବହେଳା ଓ ଅପେକ୍ଷା ଜଣେ ସାଧାରଣ ମଣିଷକୁ କେତେ ଭୟଙ୍କର ପଦକ୍ଷେପ ନେବାକୁ ବାଧ୍ୟ କରିପାରେ, ତାହା ଗତ କିଛି ଘଟଣା ଆଗରୁ ସତର୍କ ସଙ୍କେତ ଦେଇସାରିଛି। ପ୍ରତାପ ବରାଳ ଚେତାବନୀ ଦେଇଛନ୍ତି ଯେ, ଯଦି ଆଗାମୀ ୨-୩ ଦିନ ମଧ୍ୟରେ ତାଙ୍କ ଧାନ ବିକ୍ରୟ ରାଶି ମିଳିନାହିଁ, ତେବେ ସେ ପୁରା ପରିବାର ସହ ଭୁବନେଶ୍ୱର ଯାଇ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସମ୍ବନ୍ଧିତ ବିଭାଗ ସାମ୍ନାରେ ଧାରଣା ଦେବେ।

# କାଙ୍କମାଳରେ ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ତାରକ ନାମ ବ୍ରହ୍ମ ଯଜ୍ଞ ଶୁଭାରମ୍ଭ

ଝାରସୁଗୁଡା, ୧୪/୦୫ (ନି.ପ୍ର): ଝାରସୁଗୁଡା ଜିଲ୍ଲା ଲଇକେରା ସ୍ଥିତ କାଙ୍କମାଳ ବାଲୁଙ୍କେଶ୍ୱର ଶିବ ମନ୍ଦିର ପରିସରରେ ବିଶ୍ୱଶାନ୍ତି ଓ ମଙ୍ଗଳ କାମନା କରି ମାଳିକା ପ୍ରବାଦୀୟ ଅଖଣ୍ଡ ବ୍ରହ୍ମ ନାମଯଜ୍ଞ ମଙ୍ଗଳବାର ଏକ ଆଧାତ୍ମିକ ପରିବେଶରେ ଶୁଭାରମ୍ଭ ହୋଇ ଯାଇଛି। ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ଅଚ୍ୟୁତ ଗୁପ୍ତ ସଂଘ , କ୍ଷିତି ଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା (କଟକ) ର ଆନୁକୂଲ୍ୟରେ ବିଧି ନିର୍ଦ୍ଧିଷ୍ଟ ତଥା ମାଳିକା ପ୍ରବାଦୀୟ ଅଖଣ୍ଡ ତାରକ ନାମ ବ୍ରହ୍ମ ଯଜ୍ଞ ଉପଲକ୍ଷେ ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ସୋମବାର ମହୋତ୍ସବର ଶୁଭାରମ୍ଭ ନିମନ୍ତେ ଲଇକେରା ନୀଳକଣ୍ଠେଶ୍ୱର ଶିବ ମନ୍ଦିର ନିକଟସ୍ଥ ତେଲେନ ନଦୀ ଘାଟରୁ ଏକ ବିଶାଳ କଳସ ଯାତ୍ରା ବାହାରି ଶତାଧିକ ଶ୍ରଦ୍ଧାଳୁ ଏହି ପବିତ୍ର ଜଳଯାତ୍ରାରେ ସାମିଲ ହୋଇ ପୂଜାସ୍ଥଳକୁ କଳସ ରେ ଜଳ ଆଣିଥିଲେ । ମଙ୍ଗଳବାର ସୂର୍ଯ୍ୟ ନାରାୟଣ ପୂଜନ, ଗୋ-ପୂଜା, ନାମ ଯଜ୍ଞ ଏବଂ ସନ୍ଧ୍ୟାରେ ବିଭିନ୍ନ ଆଧାତ୍ମିକ ପ୍ରବକ୍ତାଙ୍କ ଦ୍ୱାରା ଦିବ୍ୟ ପ୍ରବଚନ ଓ ସତ୍ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାରଯଜ୍ଞର ପୂର୍ଣ୍ଣାହୁତି ଓ ଶାନ୍ତି ପାଠ ଅନୁଷ୍ଠିତ ହେବ ।ଏହି ମହୋତ୍ସବରେ ନାରାୟଣ ସାମଲ, କେଶବ ଦାସ ଦ୍ୱିତୀୟ କୃଷ୍ଣ, ସତ୍ୟ ଚୈତନ୍ୟ ଦାସଙ୍କ ଭଳି ବିଶିଷ୍ଟ ପ୍ରବକ୍ତାମାନେ ଯୋଗଦେଇ ମାଳିକା ତତ୍ତ୍ୱ ଓ ଭକ୍ତି ମାର୍ଗ ଉପରେ ଆଲୋକପାତ କରୁଛନ୍ତି । ଶ୍ରଦ୍ଧାଳୁମାନେ ଏହି ମହୋତ୍ସବରେ ଯୋଗଦେଇ ପ୍ରଭୁଙ୍କ କରୁଣା ଲାଭ କରିବାକୁ ଅଖଣ୍ଡ ତାରକ ନାମ ବ୍ରହ୍ମ ଯଜ୍ଞ କମିଟି ତରଫରୁ ବିନମ୍ର ଅନୁରୋଧ କରାଯାଇଛି।

# ହୁଲୁହୁଲିଆ ପୋଲଠାରେ ଦୁଇ ଭାଇଙ୍କ ଆତଙ୍କରାଜ

ପୁରୀ, ୧୪/୦୫ (ନି.ପ୍ର): ତାଳବଣିଆ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ନିର୍ଭର ସୂତ୍ରରୁ ଖବର ମିଳିଲା ଯେ ହୁଲୁହୁଲିଆ ବ୍ରିଜ ନିକଟରେ ଦୁଇ ଜଣ ଯୁବକ ଲୁହା ରଡ ଦେଖାଇ ବାଇକ ଆରୋହୀଙ୍କ ଠାରୁ ଟଙ୍କା ଛଡାଇ ନେଉଛନ୍ତି ଓ ଆତଙ୍କରାଜ ସୃଷ୍ଟି କରୁଛନ୍ତି । ଏହି ସମୟରେ ପିସିଆର ଭ୍ୟାନ ସେଠାରେ ପହଞ୍ଚିଥିଲା । ସବ ଇନ୍ସପେକ୍ଟର ଜି.ସି ଘଡ଼େଇ ସେମାନଙ୍କୁ ଧରିବା ପାଇଁ ଚେଷ୍ଟା କରିଥିଲେ । ଲୁହା ରଡରେ ପୋଲିସକୁ ପିଟିବା ପାଇଁ ଉଦ୍ୟମ କରୁଥିବା ବେଳେ ସବଇନ୍ସପେକ୍ଟରଙ୍କ ବାମ ହାତରେ ବାଜିଥିଲା । ପୋଲିସକୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଘଟଣା ସ୍ଥଳରୁ ଦୁଇ ଯୁବକ ମଟର ସାଇକେଲ ଯୋଗେ ଖସିଯାଇଥିଲେ । ପରେ ପୋଲିସ ବହୁ ଚେଷ୍ଟାକରି ଦୁଇ ଭାଇଙ୍କୁ କାବୁ କରିଥିଲେ । ଏ ସମ୍ପର୍କରେ ତାଳବଣିଆ ଥାନାରେ ୧୬୮/୨୬ ରେ ମାମଲା ରୁଜୁ କରି ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଥିଲା ।




**ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ ଏହା କ୍ଷତିକାରକ...**

ୱାଲ'ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍ସର ଆଶଙ୍କା ବଢ଼ିଯାଏ।

ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।




ଯେତେ ରୋଜଗାର କଲେ ପାଖରେ ରହୁନି କି ଟଙ୍କା? ଏହାକୁ ନେଇ ସର୍ବଶ୍ରେଷ୍ଠ ଅର୍ଥନୀତିଜ୍ଞ ଏବଂ ରଣନୀତିଜ୍ଞ ଚାଣକ୍ୟ ତାଙ୍କ ନୀତିରେ କହିଛନ୍ତି କିଛି କୁଅଭ୍ୟାସ ପାଇଁ ପାଖରେ ଟଙ୍କା ରହେ ନାହିଁ। ଟଙ୍କା ଉପାର୍ଜନ କରିବା ଯଥେଷ୍ଟ ନୁହେଁ; ଏହାକୁ ପରିଚାଳନା କରିବା ଏବଂ ସଠିକ୍ ଦିଗରେ ବିନିଯୋଗ କରିବା ମଧ ଜରୁରୀ। ଯଦି ଆପଣ ଚାହାନ୍ତି ଯେ, ଆପଣଙ୍କ ଟଙ୍କା ସ୍ଥାୟୀ ହେଉ ଏବଂ ବୃଦ୍ଧି ପାଉ, ତେବେ ଆପଣଙ୍କୁ ପ୍ରଥମେ ସେହି ଅଭ୍ୟାସଗୁଡ଼ିକୁ ଚିହ୍ନଟ କରିବାକୁ ପଡ଼ିବ ଯାହା ଆପଣଙ୍କ ଆର୍ଥିକ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରୁଛି। ଚାଣକ୍ୟ ନୀତିରେ ସ୍ୱଷ୍ଟ ଭାବରେ କୁହାଯାଇଛି ଯେ, ଯେଉଁମାନେ ଅଳସୁଆ ଏବଂ ଅନୁଶାସନହୀନ ଜୀବନଯାପନ କରନ୍ତି ସେମାନଙ୍କ ପାଖରେ ଟଙ୍କା ଅଧିକ ଦିନ ସ୍ଥାୟୀ ହୁଏ ନାହିଁ। ଏପରି ଲୋକମାନେ ରୋଜଗାରର ସୁଯୋଗ ହରାଇଥାନ୍ତି ଏବଂ ସେମାନଙ୍କ ଟଙ୍କାକୁ ସଠିକ୍ ଭାବରେ ପରିଚାଳନା କରିବାରେ ବିଫଳ ହୁଅନ୍ତି।

ଯେଉଁ ବ୍ୟକ୍ତି କେବଳ ନିଜ ପାଇଁ କାମ କରନ୍ତି ଏବଂ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଚିନ୍ତା କରନ୍ତି ନାହିଁ ସେ ଶୀଘ୍ର ନିଜର ସମ୍ପତ୍ତି ହରାଇ ଥାଆନ୍ତି। ଚାଣକ୍ୟଙ୍କ ଅନୁସାରେ ଟଙ୍କା କେବଳ ସେମାନଙ୍କ ପାଇଁ ରହିଥାଏ ଯେଉଁମାନେ ଉଦାର, ଜ୍ଞାନୀ ଏବଂ ସାମାଜିକ ସଚେତନ। ଅତ୍ୟଧିକ ଲୋଭୀ ଲୋକମାନେ ଅଯଥା ନିବେଶ କରନ୍ତି ଏବଂ ଶୀଘ୍ର ଟଙ୍କା ହରାଇ ଦିଅନ୍ତି। ଅନ୍ୟପକ୍ଷରେ ଯେଉଁମାନେ ଧୈର୍ଯ୍ୟର ସହିତ ସେମାନଙ୍କର ସମ୍ବଳ ବୃଦ୍ଧି କରନ୍ତି ଏବଂ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତି ସେମାନେ ଦୀର୍ଘକାଳୀନ ଭାବରେ ସେମାନଙ୍କର ସମ୍ପତ୍ତି ବୃଦ୍ଧି ପାଆନ୍ତି। ଚାଣକ୍ୟ କହିଛନ୍ତି, ଯେଉଁ ଲୋକମାନଙ୍କର ଅତ୍ୟଧିକ ଭୟ, ଈର୍ଷା ଏବଂ ଚିନ୍ତା ଥାଏ ସେମାନଙ୍କର ଟଙ୍କା ମଧ ସ୍ଥାୟୀ ହୁଏ ନାହିଁ। ମାନସିକ ଅଶାନ୍ତି ସେମାନଙ୍କୁ ବୁଦ୍ଧିମାନ ନିଷ୍ପତ୍ତି ନେବାରୁ ବାଧା ଦିଏ ଏବଂ ପ୍ରାୟତଃ ସୁଯୋଗ ହରାଇବାକୁ ପଡ଼େ।

ଧନ କେବଳ ସକ୍ଷମ, ଶୃଙ୍ଖଳିତ ଏବଂ ଜ୍ଞାନୀ ଲୋକଙ୍କ ପାଇଁ ରହିଥାଏ। ତେଣୁ ଆଳସ୍ୟ, ଲୋଭ ଏବଂ ସ୍ୱାର୍ଥପରତା ପରିହାର କରନ୍ତୁ, ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ ଏବଂ ଧୈର୍ଯ୍ୟ ରଖନ୍ତୁ।






ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ। ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ। ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।



# ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ।

ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ। ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଜାଣନ୍ତି କି ଗୋଟିଏ ଘଣ୍ଟାରେ ହାର୍ଟରେ କେତେଥର ହୁଏ ସ୍ପନ୍ଦନ...

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍। ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିବା ଯାଏ କାର୍ଯ୍ୟ କରୁଥାଏ। ହୃତ୍ ?ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

# ଭୌତିକ ବନାମ ଫ୍ୟୁଚର୍ସ ବଜାର: ଶକ୍ତି ସଙ୍କଟର ଅକୁହା କାହାଣୀ

ଏପ୍ରିଲ୍ ୨୦୨୬ ସୁଦ୍ଧା ବିଶ୍ୱ ଏକ ଅଭୂତପୂର୍ବ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଭୂ-ରାଜନୈତିକ ଅସ୍ଥିରତା ବିଶ୍ୱ ତୈଳ ବଜାରକୁ ଗଭୀର ଭାବରେ ପ୍ରଭାବିତ କରିଛି । ତଥାପି, ଖବରକାଗଜର ଶିରୋନାମାରେ ଆମେ ଯେଉଁ ତୈଳ ଦର ଦେଖୁଛୁ, ତାହା ସମ୍ପୂର୍ଣ୍ଣ ସତ୍ୟ ବୟାନ କରୁନାହିଁ । ବିଭିନ୍ନ ଆନ୍ତର୍ଜାତୀୟ ଶକ୍ତି ବିଶ୍ଳେଷଣ ଏବଂ ଅର୍ଥନୈତିକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଭୌତିକ ତୈଳ ଦର ଏବଂ କାଗଜପତ୍ର ବା ଭବିଷ୍ୟତ ଚୁକ୍ତି ଦର ମଧ୍ୟରେ ଏକ ବିଶାଳ ବ୍ୟବଧାନ ସୃଷ୍ଟି ହୋଇଛି । ଏହି ବ୍ୟବଧାନ ସୂଚାଉଛି ଯେ ବର୍ତ୍ତମାନର ଶକ୍ତି ସଙ୍କଟ ସାଧାରଣ ଜନତା ଏବଂ ନୀତି ନିର୍ଦ୍ଧାରକମାନଙ୍କ ଧାରଣାଠାରୁ ଯଥେଷ୍ଟ ଅଧିକ ଗମ୍ଭୀର ଅଟେ । ଏହି ପରିସ୍ଥିତିରେ ତୈଳର ମୂଲ୍ୟ କିପରି ନିର୍ଦ୍ଧାରଣ କରାଯାଏ, ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ବାସ୍ତବତା କ'ଣ ଏବଂ ଭାରତ ସମେତ ସମଗ୍ର ବିଶ୍ୱର ଅର୍ଥନୀତି ଉପରେ ଏହାର କି ପ୍ରଭାବ ପଡ଼ିବ, ତାହାର ଏକ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ବର୍ତ୍ତମାନର ବଜାର ଗତିଶୀଳତାକୁ ବୁଝିବା ପାଇଁ, ତତ୍କାଳ ଦର ଏବଂ ଭବିଷ୍ୟତ ଚୁକ୍ତି ଦର ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରୀ । ତୈଳ ତୁରନ୍ତ ବିତରଣ ପାଇଁ କିଣାଯାଉଛି ନା ମାସ ମାସ ପରେ ବିତରଣ ପାଇଁ କିଣାଯାଉଛି, ତାହା ଉପରେ ଭିତ୍ତି କରି ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ତତ୍କାଳ ଦରର ପ୍ରମୁଖ ମାନଦଣ୍ଡ ହେଉଛି ଡେଟେଡ୍ ବ୍ରେଣ୍ଟ, ଯାହା ଆଗାମୀ କିଛି ଦିନ ମଧ୍ୟରେ ପଠାଯିବାକୁ ଥିବା ତୈଳର ମୂଲ୍ୟକୁ ପ୍ରତିଫଳିତ କରେ । ଅନ୍ୟପକ୍ଷରେ, ବ୍ରେଣ୍ଟ ଫ୍ୟୁଚର୍ସ ଭବିଷ୍ୟତର ମୂଲ୍ୟ ଆଶାକୁ ପ୍ରତିଫଳିତ କରିଥାଏ। ସାଧାରଣ ପରିସ୍ଥିତିରେ ଏହି ଦୁଇଟି ମୂଲ୍ୟ ପାଖାପାଖି ସମାନ ରହିଥାଏ । କିନ୍ତୁ ସାମ୍ପ୍ରତିକ ଯୁଦ୍ଧ ଏହି ସମାନତାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି । ତୁରନ୍ତ ଭୌତିକ ତୈଳର ଘୋର ଅଭାବ କାରଣରୁ, ଡେଟେଡ୍ ବ୍ରେଣ୍ଟର ତତ୍କାଳ ଦର ବ୍ୟାରେଲ ପିଛା ୧୪୪ ଡଲାରରୁ ଅଧିକ ହୋଇ ଏକ ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏହାର ବିପରୀତରେ, ଖବରକାଗଜର ଶିରୋନାମା ପାଲଟୁଥିବା ଫ୍ୟୁଚର୍ସ ଦର ଆମେରିକା ପ୍ରଶାସନର କଠୋର ପଦକ୍ଷେପ ଘୋଷଣା ପରେ ମଧ୍ୟ ବ୍ୟାରେଲ ପିଛା ପ୍ରାୟ ୧୦୩ ଡଲାର ଆଖପାଖରେ ରହିଛି । ଏହି ୩୫ ରୁ ୪୦ ଡଲାରର ବ୍ୟବଧାନ ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଏହା ପ୍ରମାଣିତ କରୁଛି ଯେ ବାସ୍ତବରେ ତୈଳ ଯୋଗାଣ କମିଯାଉଥିବାରୁ କ୍ରେତାମାନେ ବର୍ତ୍ତମାନ ଉପଲବ୍ଧ ଥିବା ତୈଳ ପାଇଁ ବହୁଳ ଅଧିକ ମୂଲ୍ୟ ଦେବାକୁ ବାଧ୍ୟ ହେଉଛନ୍ତି ।

ଏହି ସଙ୍କଟର ଭୂ-ରାଜନୈତିକ କେନ୍ଦ୍ରବିନ୍ଦୁ ହେଉଛି ହର୍ମୁଜ୍ ପ୍ରଣାଳୀ, ଯାହା ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟରେ ଥିବା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ଜଳପଥ ଅଟେ । ସାଧାରଣ ପରିସ୍ଥିତିରେ ଏହି ପଥ ଦେଇ ବିଶ୍ୱର ମୋଟ ତୈଳ ଯୋଗାଣର ପ୍ରାୟ ଏକ ପଞ୍ଚମାଂଶ ଅର୍ଥାତ୍ ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ୍ ତୈଳ ପରିବହନ ହୋଇଥାଏ। ଆମେରିକା ଏବଂ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏହି ପ୍ରଣାଳୀ ଦେଇ ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଛି । ତଥ୍ୟରୁ ଜଣାପଡିଛି ଯେ ଯୁଦ୍ଧ ପୂର୍ବରୁ ଦୈନିକ ହାରାହାରି ୧୩୦ ଟି ବାଣିଜ୍ୟିକ ଜାହାଜ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ତାହା ମାତ୍ର ପାଖାପାଖି ୧୦କୁ ଖସି ଆସିଛି । ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଏହାକୁ ବିଶ୍ୱ ତୈଳ ବଜାର ଇତିହାସରେ ସବୁଠାରୁ ବଡ଼ ଯୋଗାଣ ବାଧା ବୋଲି ଆଖ୍ୟା ଦେଇଛି ଏବଂ ବିଶ୍ୱସ୍ତରୀୟ ଯୋଗାଣରେ ଦୈନିକ ୮୦ ଲକ୍ଷ ବ୍ୟାରେଲର ହ୍ରାସ ଘଟିଥିବା ଦର୍ଶାଇଛି। ଜାହାଜ କମ୍ପାନୀମାନେ ନିଜର ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବିପଜ୍ଜନକ ପଥ ଦେଇ ଯିବାକୁ କୁଣ୍ଠାବୋଧ କରୁଛନ୍ତି, ଯାହା ଫଳରେ ଭୌତିକ ବଜାରରେ ଏକ ବିରାଟ ନିଅଣ୍ଟ ଦେଖାଦେଇଛି । ତତ୍କାଳ ଦର ତୁଳନାରେ ଫ୍ୟୁଚର୍ସ ଦର କମ୍ ରହିବାର ମୁଖ୍ୟ କାରଣ ହେଉଛି ବ୍ୟବସାୟୀଙ୍କ ମାନସିକତା ଏବଂ ରାଜନୈତିକ ସନ୍ଦେହ । ଅନେକ ବଜାର ବିଶ୍ଳେଷକ ଏବଂ ବ୍ୟବସାୟୀ ଆଶା କରୁଛନ୍ତି ଯେ କୂଟନୈତିକ ସମାଧାନ ହୋଇପାରେ କିମ୍ବା ପରିସ୍ଥିତି ଶାନ୍ତ ପଡିପାରେ, କିନ୍ତୁ ଏହି ଆଶାବାଦୀ ଦୃଷ୍ଟିକୋଣ ବାସ୍ତବିକ ଯୋଗାଣ ସମସ୍ୟାକୁ ସମାଧାନ କରିପାରିବ ନାହିଁ ।

ବାସ୍ତବ ସ୍ଥିତିକୁ କେବଳ ଆଶାବାଦୀ ଫ୍ୟୁଚର୍ସ ବାଣିଜ୍ୟ ଦ୍ୱାରା ଲୁଚାଯାଇପାରିବ ନାହିଁ, କାରଣ ବିଶ୍ୱସ୍ତରୀୟ ତୈଳ ବ୍ୟବହାର କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହି ବ୍ୟାପକ ଚାହିଦା ଏବଂ ସୀମିତ ଯୋଗାଣ ମଧ୍ୟରେ ଥିବା ଗାଣିତିକ ପାର୍ଥକ୍ୟ ଏକ ବିରାଟ ନିଅଣ୍ଟ ପରିସ୍ଥିତି ସୃଷ୍ଟି କରୁଛି ଯାହାକୁ ସହଜରେ ପୂରଣ କରାଯାଇପାରିବ ନାହିଁ । ଏହାକୁ ମୁକାବିଲା କରିବା ପାଇଁ ବିଭିନ୍ନ ରାଷ୍ଟ୍ର ସେମାନଙ୍କର ଜରୁରୀକାଳୀନ ଭଣ୍ଡାରରୁ କୋଟି କୋଟି ବ୍ୟାରେଲ ତୈଳ ଛାଡିବାକୁ ରାଜି ହୋଇଛନ୍ତି । ଯଦିଓ ସାଉଦି ଆରବ ପରି ପ୍ରମୁଖ ଉତ୍ପାଦକ ଦେଶଗୁଡିକ ବିକଳ୍ପ ଯୋଗାଣ ମାର୍ଗ ବୃଦ୍ଧି କରିବାକୁ ଚେଷ୍ଟା କରିଛନ୍ତି, ଯେପରିକି ପାଇପଲାଇନ ମାଧ୍ୟମରେ ଦୈନିକ ଲକ୍ଷ ଲକ୍ଷ ବ୍ୟାରେଲ ପମ୍ପିଂ କରିବା, ତଥାପି ଏହି ପଦକ୍ଷେପଗୁଡିକ ହର୍ମୁଜ୍ ପ୍ରଣାଳୀର ଅବରୋଧଜନିତ କ୍ଷତିକୁ ସମ୍ପୂର୍ଣ୍ଣ ରୂପେ ଭରଣା କରିବା ପାଇଁ ଯଥେଷ୍ଟ ନୁହେଁ । ଅଭିଜ୍ଞ ଶକ୍ତି ଅର୍ଥନୀତିଜ୍ଞମାନେ ନୀତି ନିର୍ଦ୍ଧାରକମାନଙ୍କୁ ଚେତାବନୀ ଦେଉଛନ୍ତି ଯେ ସେମାନେ ଅତ୍ୟଧିକ ଆତ୍ମସନ୍ତୋଷରେ ଅଛନ୍ତି ଏବଂ ପରିସ୍ଥିତିର ଗମ୍ଭୀରତାକୁ ଅଣଦେଖା କରୁଛନ୍ତି । କେବଳ ଜରୁରୀକାଳୀନ ଭଣ୍ଡାର ଉପରେ ନିର୍ଭର କରିବା ପରିବର୍ତ୍ତେ, ସରକାରମାନେ ନାଗରିକମାନଙ୍କୁ ଶକ୍ତି ସଞ୍ଚୟ ଏବଂ ବ୍ୟବହାର ହ୍ରାସ ଉପରେ ପରାମର୍ଶ ଦେବାର ଜରୁରୀ ଆବଶ୍ୟକତା ରହିଛି ।

ଭାରତ ପରି ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ପାଇଁ ଏହି ବିଶ୍ୱସ୍ତରୀୟ ଯୋଗାଣ ସଙ୍କଟର ପ୍ରଭାବ ବହୁମୁଖୀ ଏବଂ ଅତ୍ୟନ୍ତ ଗଭୀର ଅଟେ । ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଦେଶ, ଯାହା ଦୈନିକ ପ୍ରାୟ ୫୫ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ବ୍ୟବହାର କରିଥାଏ । ଐତିହାସିକ ଭାବରେ, ଭାରତ ନିଜର ଶକ୍ତି ଆମଦାନୀ ପାଇଁ ହର୍ମୁଜ୍ ପ୍ରଣାଳୀ ଉପରେ ଅଧିକ ନିର୍ଭରଶୀଳ ରହିଆସିଛି । ତେବେ, ବିଗତ କିଛି ବର୍ଷ ମଧ୍ୟରେ ସକ୍ରିୟ ରଣନୈତିକ ବିବିଧକରଣ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ ପ୍ରଦାନ କରିଛି । ସରକାରୀ ତଥ୍ୟ ଅନୁଯାୟୀ, ଭାରତ ବର୍ତ୍ତମାନ ପ୍ରାୟ ୪୦ ଟି ବିଭିନ୍ନ ଦେଶରୁ ଅଶୋଧିତ ତୈଳ ସଂଗ୍ରହ କରୁଛି ଏବଂ ବର୍ତ୍ତମାନ ଦେଶର ପ୍ରାୟ ୭୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ ହର୍ମୁଜ୍ ପ୍ରଣାଳୀ ବାହାର ମାର୍ଗ ଦେଇ ଆସୁଛି, ଯାହା ପୂର୍ବରୁ ଯଥେଷ୍ଟ କମ୍ ଥିଲା । ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସ୍ୱରୂପ, ବିଶ୍ୱସ୍ତରୀୟ କଟକଣା କୋହଳ ହେବାର ଫାଇଦା ଉଠାଇ ଋଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ବୃଦ୍ଧି ପାଇଛି । ଏହି ରଣନୈତିକ ପଦକ୍ଷେପ ସୁନିଶ୍ଚିତ କରିଛି ଯେ ଭାରତର ଅଶୋଧିତ ତୈଳ ଯୋଗାଣ ଅପେକ୍ଷାକୃତ ସୁରକ୍ଷିତ ରହିଛି ଏବଂ ଘରୋଇ ରିଫାଇନାରୀଗୁଡ଼ିକ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିପାରୁଛନ୍ତି ।

ତଥାପି, ଭାରତ ପାଇଁ ଏହି ସଙ୍କଟ ସମ୍ପୂର୍ଣ୍ଣ ରୂପେ ଟଳିନାହିଁ, ବିଶେଷ କରି ଯେତେବେଳେ ଘରୋଇ ଶକ୍ତି ସୁରକ୍ଷା କଥା ବିଚାରକୁ ଆସେ । ଯଦିଓ ଅଶୋଧିତ ତୈଳ ମାର୍ଗଗୁଡିକ ବିବିଧ କରାଯାଇଛି, ଭାରତର ପ୍ରକୃତ ଦୁର୍ବଳତା ତରଳ ପେଟ୍ରୋଲିୟମ ଗ୍ୟାସ ଏବଂ ତରଳ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ରହିଛି । ଭାରତର ଏଲପିଜି ଚାହିଦାର ପ୍ରାୟ ୬୦ ପ୍ରତିଶତ ଆମଦାନୀ ମାଧ୍ୟମରେ ପୂରଣ ହୋଇଥାଏ ଏବଂ ଚିନ୍ତାର ବିଷୟ ହେଉଛି ଯେ ଏହି ଆମଦାନୀର ୯୦ ପ୍ରତିଶତ ପାରମ୍ପରିକ ଭାବରେ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ। ଏହି ଅବରୋଧ କାରଣରୁ ଭାରତର ଏଲପିଜି ଆମଦାନୀରେ ଏକ ତୀବ୍ର ହ୍ରାସ ଘଟିଛି, ଯାହା କୋଟି କୋଟି ପରିବାରର ରୋଷେଇ ଇନ୍ଧନ ଯୋଗାଣ ପ୍ରତି ସିଧାସଳଖ ବିପଦ ସୃଷ୍ଟି କରିଛି । ଏହାର ଜବାବରେ, ଭାରତ ସରକାରଙ୍କୁ ଘରୋଇ ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସଗୁଡ଼ିକୁ ଅନ୍ୟ ରାସାୟନିକ ପ୍ରବାହକୁ ଏଲପିଜି ଉତ୍ପାଦନ ଆଡକୁ ମୋଡିବାକୁ ଜରୁରୀକାଳୀନ ନିର୍ଦ୍ଦେଶ ଦେବାକୁ ପଡିଲା । ଏହି ତ୍ୱରିତ ହସ୍ତକ୍ଷେପ ଏକ ତୁରନ୍ତ ଘରୋଇ ସଙ୍କଟକୁ କିଛି ମାତ୍ରାରେ ପ୍ରଶମିତ କରିବାରେ ସାହାଯ୍ୟ କରିଛି । କିନ୍ତୁ ବ୍ୟାପକ ଆର୍ଥିକ ପ୍ରଭାବ ଏବେ ବି ଏକ ବଡ଼ ବିପଦ ହୋଇ ରହିଛି । ଭୌତିକ ତୈଳର ଅତ୍ୟଧିକ ମୂଲ୍ୟ ଏବଂ ପରିବହନ ମାର୍ଗ ପରିବର୍ତ୍ତନର ଲଜିଷ୍ଟିକାଲ୍ ସମସ୍ୟା ଅନିବାର୍ଯ୍ୟ ଭାବରେ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିବ, ଯାହା ବ୍ୟାପକ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ।

ଏହା ବ୍ୟତୀତ, ତୈଳ ଦରର ଏହି ଅହେତୁକ ବୃଦ୍ଧିର ପ୍ରଭାବ କେବଳ ଇନ୍ଧନ ଷ୍ଟେସନରେ ସୀମିତ ରହିବ ନାହିଁ, ବରଂ ଏହା ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଏକ ଶୃଙ୍ଖଳିତ ପ୍ରଭାବ ପକାଇବ । ଯେତେବେଳେ ତୈଳର ତତ୍କାଳ ଦର ଏତେ ଉଚ୍ଚ ସ୍ତରରେ ରହୁଛି, ସମସ୍ତ ସାମଗ୍ରୀର ପରିବହନ ଖର୍ଚ୍ଚ ଆକାଶଛୁଆଁ ହେବା ସ୍ୱାଭାବିକ ଅଟେ। ଭାରତ ଭଳି ଏକ ଦେଶ, ଯେଉଁଠାରେ ଅଧିକାଂଶ ଘରୋଇ ସାମଗ୍ରୀ ସଡ଼କ ପଥରେ ଟ୍ରକ୍ ମାଧ୍ୟମରେ ପରିବହନ କରାଯାଏ, ମହଙ୍ଗା ଡିଜେଲର ସିଧାସଳଖ ଅର୍ଥ ହେଉଛି ପନିପରିବା, ଖାଦ୍ୟଶସ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି । ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ବିଶ୍ୱର ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଏକ କଠିନ ଆହ୍ୱାନ ସୃଷ୍ଟି କରିବ । ଯଦି ମୁଦ୍ରାସ୍ଫୀତି କେବଳ ଯୋଗାଣ ବାଧା କାରଣରୁ ବୃଦ୍ଧି ପାଏ, ତେବେ ବ୍ୟାଙ୍କଗୁଡ଼ିକ ପାଇଁ ସୁଧ ହାର ହ୍ରାସ କରିବା ସହଜ ହେବ ନାହିଁ । ଏହା ଫଳରେ ଅର୍ଥନୀତିରେ ଏକ ଷ୍ଟାଗଫ୍ଲେସନ୍ ପରିସ୍ଥିତି ସୃଷ୍ଟି ହୋଇପାରେ, ଯେଉଁଠାରେ ଅର୍ଥନୈତିକ ଅଭିବୃଦ୍ଧି ସ୍ଥିର ରହିବ କିନ୍ତୁ ମୁଦ୍ରାସ୍ଫୀତି ଉଚ୍ଚ ସ୍ତରରେ ରହି ଲୋକଙ୍କ କ୍ରୟ କ୍ଷମତାକୁ ହ୍ରାସ କରିବ। ଏହାର ସମ୍ପୂର୍ଣ୍ଣ ବୋଝ ଶେଷରେ ସାଧାରଣ ଖାଉଟିଙ୍କ ଉପରେ ପଡିବ । ଅଧିକନ୍ତୁ, ମହଙ୍ଗା ଅଶୋଧିତ ତୈଳ କିଣିବା ପାଇଁ ବିପୁଳ ପରିମାଣର ଡଲାର ଖର୍ଚ୍ଚ ହେବା ଦ୍ୱାରା ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବ, ଯାହା ଇଲେକ୍ଟ୍ରୋନିକ୍ସ, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନୀକୁ ଆହୁରି ବ୍ୟୟବହୁଳ କରିଦେବ ଏବଂ ଦେଶର ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରିବ।

ପରିଶେଷରେ, ଯଦି କେହି କେବଳ ଫ୍ୟୁଚର୍ସ ବଜାରକୁ ଦେଖନ୍ତି, ତେବେ ବିଶ୍ୱସ୍ତରୀୟ ତୈଳ ଦରକୁ ନେଇ ବର୍ତ୍ତମାନର ଚିତ୍ର ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିକର ଅଟେ । ଅତ୍ୟଧିକ ଉଚ୍ଚ ତତ୍କାଳ ଦର ଏବଂ ଅପେକ୍ଷାକୃତ କମ୍ ଫ୍ୟୁଚର୍ସ ଦର ମଧ୍ୟରେ ଥିବା ଅଭୂତପୂର୍ବ ବ୍ୟବଧାନ ଏକ ଭୌତିକ ଯୋଗାଣ ସଙ୍କଟର କଠୋର ଚେତାବନୀ ଦେଉଛି । ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ସଂଘର୍ଷ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳାର ଦୁର୍ବଳତାକୁ ପଦାରେ ପକାଇଦେଇଛି ଏବଂ ଆଧୁନିକ ଇତିହାସର ସବୁଠାରୁ ଭୟଙ୍କର ବାଧା ସୃଷ୍ଟି କରିଛି । ଯଦିଓ ଭାରତ ଭଳି ଦେଶ ଅଶୋଧିତ ତୈଳ ଉତ୍ସର ରଣନୈତିକ ବିବିଧକରଣ ଏବଂ ଜରୁରୀକାଳୀନ ଘରୋଇ ଉତ୍ପାଦନ ପଦକ୍ଷେପ ମାଧ୍ୟମରେ ନିଜର ଦୃଢ଼ତା ପ୍ରଦର୍ଶନ କରିଛନ୍ତି, ତଥାପି ହର୍ମୁଜ୍ ପ୍ରଣାଳୀ ପରି ଗୁରୁତ୍ୱପୂର୍ଣ୍ଣ ଜଳପଥ ସହିତ ଜଡିତ ଗଠନମୂଳକ ଦୁର୍ବଳତା ଏବେ ବି ବିଦ୍ୟମାନ ଅଛି । କେବଳ ରାଜନୈତିକ ଉତ୍ତେଜନା ହ୍ରାସ ପାଇବାର ଆଶା ଉପରେ ନିର୍ଭର କରିବା ଏକ ସ୍ଥାୟୀ ଅର୍ଥନୈତିକ ରଣନୀତି ହୋଇନପାରେ। ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେବା, ଘରୋଇ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ କଠୋର ଶକ୍ତି ସଞ୍ଚୟ ନୀତି କାର୍ଯ୍ୟକାରୀ କରିବା ପାଇଁ ଏକ ସମ୍ମିଳିତ ତଥା ତ୍ୱରିତ ବିଶ୍ୱସ୍ତରୀୟ ପ୍ରୟାସ ହେବା ଆବଶ୍ୟକ । ଯେପର୍ଯ୍ୟନ୍ତ ଭୌତିକ ଯୋଗାଣ ଏବଂ ବିଶ୍ୱସ୍ତରୀୟ ଚାହିଦା ମଧ୍ୟରେ ଥିବା ମୌଳିକ ଅସନ୍ତୁଳନର ସ୍ଥାୟୀ ସମାଧାନ ନହୋଇଛି, ସେପର୍ଯ୍ୟନ୍ତ ବିଶ୍ୱ ଅର୍ଥନୀତି କେବଳ ଭୂ-ରାଜନୈତିକ ଇଚ୍ଛା ଏବଂ ଅସ୍ଥିର ଭୌତିକ ତୈଳ ବଜାରର ଦୟା ଉପରେ ନିର୍ଭର କରି ରହିବ ।

# ରକ୍ଷକ ହିଁ ଭକ୍ଷକ : ବାଲିଅନ୍ତାରେ ମାନବିକତାର ଶବଦାହ



## ଶିବ ପ୍ରସାଦ ବାହିନୀପତି

ଆଜକୁ ପାଞ୍ଚ ଦିନ ହୋଇଗଲା ବାଲିଅନ୍ତାରେ ସୌମ୍ୟ ରଞ୍ଜନ ହତ୍ୟାର । ସୌମ୍ୟ ରଞ୍ଜନଙ୍କ ସହ ଘଟିଥିବା ଏହି ଅମାନବୀୟ ଓ ଲୋମହର୍ଷଣକାରୀ ଘଟଣା ସାରା ଓଡ଼ିଶାର ବିବେକକୁ ଦୋହଲାଇ ଦେଇଛି । ଏତେ ବିଭତ୍ସ ଓ ଲୋମହର୍ଷଣକାରୀ ହତ୍ୟା ଥିଲା ତାହାର ଭିଡ଼ିଓ ଦେଖି ଲାଗୁଥିଲା ଏହା ଏକବିଂଶ ଶତାବ୍ଦୀର ସଭ୍ୟ ସମାଜ ନା ଆଦିମ ମଣିଷ ସମାଜ, ଯେଉଁଠି ପଶୁତ୍ୱ ରାଜ୍ କରୁଥିଲା। ଏଠି ମଣିଷର ରକ୍ତ ଶସ୍ତା ହୋଇଯାଇଛି ଏବଂ ପଶୁତ୍ୱ ହସୁଛି। ଜଣେ ସଚେତନ ନାଗରିକ ଭାବରେ ଆପଣଙ୍କ ମନରେ ଥିବା କ୍ଷୋଭ ଓ ଯନ୍ତ୍ରଣା ଅତ୍ୟନ୍ତ ସ୍ୱାଭାବିକ। ପୋଲିସ୍ ଉପସ୍ଥିତିରେ ଜଣେ ପୋଲିସ୍ ଯଦି ଏଭଳି ଗଣ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରେ, ସେଠି ସାଧାରଣ ମଣିଷ କେତେ ସୁରକ୍ଷିତ ? ତାଙ୍କୁ ପଶୁ ଭଳି ପିଟି ପିଟି ମାରିଦେବା ଆମ ସଭ୍ୟ ସମାଜର ମୁହଁରେ ଏକ ଶକ୍ତ ଚାପୁଡ଼ା । ଏହା କେବଳ ଏକ ହତ୍ୟାକାଣ୍ଡ ନୁହେଁ, ବରଂ ଆଇନ-ଶୃଙ୍ଖଳା ଓ ବ୍ୟବସ୍ଥାର 'ଜଳାଞ୍ଜଳି' । ଯେଉଁ ଅଞ୍ଚଳ ଦିନେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଜଣାଶୁଣା ଥିଲା, ସେଠାରେ ଏଭଳି ହିଂସା କିମ୍ବା ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ନିଶ୍ଚିତ ଭାବେ ଉଦ୍‌ବେଗଜନକ।

ଘଟଣାର ଭିଡିଓ ଓ ଚିତ୍ର ଦେଖିଲେ ସ୍ପଷ୍ଟ ଜଣାପଡୁଛି ଯେ, ପୋଲିସ ସେଠାରେ ରକ୍ଷକ ସାଜିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଥିଲା। ଜଣେ ମୁମୂର୍ଷୁ ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସରେ ନେବା ପରିବର୍ତ୍ତେ ପଶୁ ଭଳି ଡାଲା ଗାଡ଼ିରେ ଫିଙ୍ଗିଦେବା ଏବଂ ହତ୍ୟାକାରୀଙ୍କ ସହ ତାଙ୍କୁ ଛାଡ଼ିଦେବା କେଉଁ ପ୍ରକାରର ପୋଲିସିଂ ? ଯଦି ପୋଲିସ ନିଜ ଗାଡ଼ିରେ ଆହତଙ୍କୁ ନେଇପାରିଲା ନାହିଁ, ତେବେ ସେଠାରେ ସେମାନଙ୍କର ଉପସ୍ଥିତିର ଅର୍ଥ କ'ଣ ଥିଲା ? ଏହି ନିଷ୍କ୍ରିୟତା ପଛର କାରଣ କ'ଣ ? କେବଳ କିଛି ସ୍ଥାନୀୟ ଲୋକଙ୍କୁ ଅଟକ ରଖିବା ଯଥେଷ୍ଟ ନୁହେଁ, ବରଂ ସେଠାରେ ଉପସ୍ଥିତ ଥିବା ଦାୟିତ୍ୱହୀନ ପୋଲିସ ଅଧିକାରୀଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ତାହା ଆଜି ସବୁଠାରୁ ବଡ଼ ପ୍ରଶ୍ନ। ଏଠାରେ ଆଇନ ମୃତ ଓ ମାନବିକତା ଲଜ୍ଜିତ । ଏ ଘଟଣାରେ ପୋଲିସ୍ ରକ୍ଷକ ନା ଭକ୍ଷକର ସହଯୋଗୀ ?

କୌଣସି ବି ଘଟଣା ପଛରେ କେବଳ ବ୍ୟକ୍ତିଗତ ଶତ୍ରୁତା ନଥାଏ, ବରଂ ଏହା ପଛରେ ଥାଏ ପ୍ରଶାସନିକ ଶିଥିଳତା ଏବଂ ମାଦକ ଦ୍ରବ୍ୟର ବେଆଇନ କାରବାର। ବାଲିଅନ୍ତା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଢୁଥିବା ନିଶା କାରବାର ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି, ଯାହାର ପରିଣତି ସ୍ୱରୂପ ଛୋଟ ଛୋଟ ବିବାଦ ରକ୍ତାକ୍ତ ସଂଘର୍ଷର ରୂପ ନେଉଛି। କେବଳ ଘଟଣା ଘଟିବା ପରେ ତଦନ୍ତ କରିବା ପୋଲିସର ଦାୟିତ୍ୱ ନୁହେଁ, ବରଂ ଅପରାଧକୁ ରୋକିବା ପାଇଁ ପୂର୍ବ ପ୍ରସ୍ତୁତି ଓ ନିୟମିତ ପାଟ୍ରୋଲିଂର ଆବଶ୍ୟକତା ରହିଛି। ସ୍ଥାନୀୟ ଅଞ୍ଚଳରେ 'ବିଟ୍ ପୋଲିସିଂ'କୁ ଅଧିକ ସକ୍ରିୟ କରିବା ସହ ସନ୍ଦେହଜନକ ଗତିବିଧି ଉପରେ ନଜର ରଖିବା ଜରୁରୀ ।

ପୋଲିସର ପ୍ରାଥମିକ କାର୍ଯ୍ୟ ହେଉଛି ଅପରାଧକୁ ରୋକିବା **(Prevention of Crime)**। ଯଦି ପୋଲିସ୍ ଉପସ୍ଥିତ ଥାଇ ବି ଘଟଣା ଘଟୁଛି, ତେବେ ଏହା ସେମାନଙ୍କର ବ୍ୟକ୍ତିଗତ ବା ପ୍ରଶାସନିକ ବିଫଳତା। ଏଭଳି ସ୍ଥିତିରେ ପୋଲିସର ୟୁନିଫର୍ମ ଓ ଶକ୍ତି ଉପରେ ପ୍ରଶ୍ନ ଉଠେ। ଏହା ଜନସାଧାରଣଙ୍କ ମଧ୍ୟରେ ପୋଲିସ୍ ପ୍ରତି ଥିବା ବିଶ୍ୱାସକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଏ। 'ଯେଉଁଠି ରକ୍ଷକ ହିଁ ଭକ୍ଷକ ପାଲଟେ କିମ୍ବା ରକ୍ଷକର ଉପସ୍ଥିତି ଅପରାଧୀଙ୍କ ପାଇଁ କୌଣସି ପ୍ରତିବନ୍ଧକ ସାଜେ ନାହିଁ, ସେଠାରେ 'ଜଙ୍ଗଲରାଜ' ଚାଲିଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ। ପୋଲିସ୍ ସାମ୍ନାରେ ଅପରାଧ ଘଟିବା କେବଳ ପୋଲିସର ଅପାରଗତା ନୁହେଁ, ବରଂ ଏହା ଆମ ଶାସନ ବ୍ୟବସ୍ଥାର ମେରୁଦଣ୍ଡ ଭାଙ୍ଗିଯାଇଥିବାର ପ୍ରମାଣ।' ଏହା ପୁଣି ପ୍ରମାଣ କରେ କି, ଅପରାଧୀଙ୍କ ମନରେ ଆଇନ ପ୍ରତି କୌଣସି ସମ୍ମାନ ବା ଭୟ ନାହିଁ। ଏହା ଅପରାଧୀଙ୍କର ବଢୁଥିବା ଦୁଃସାହସକୁ ଦର୍ଶାଏ । ଏହା ଆଇନଗତ ଭାବେ ଏକ ଗୁରୁତର ଅପରାଧ **(Aggravated Offense)** ଭାବେ ଗଣ୍ୟ ହେବା ଉଚିତ୍। ଏହା କେବଳ ଆଇନ ଶୃଙ୍ଖଳାର ବିପର୍ଯ୍ୟୟ ନୁହେଁ, ବରଂ ଗଣତନ୍ତ୍ରରେ ସାଧାରଣ ଜନତାଙ୍କ ଭରସାକୁ ଭାଙ୍ଗିଦେବା ଭଳି ଏକ ଘଟଣା।

ଆଇନ୍‌କୁ ହାତକୁ ନେବାର ଅଧିକାର କାହାକୁ ଦିଆଯାଇଛି ? ସେମାନେ କିଏ ଯେଉଁମାନେ ପୋଲିସ ସାମ୍ନାରେ ଜଣେ ଯୁବକକୁ ମୃତ୍ୟୁ ପର୍ଯ୍ୟନ୍ତ ମାରି ଚାଲିଥିଲେ ? ଯଦି ଏଭଳି 'ଭିଡ଼ ହତ୍ୟା'କୁ ଆଜି କଠୋର ଦଣ୍ଡରେ ଦମନ କରାନଯାଏ, ତେବେ ଆଗାମୀ ଦିନରେ କୌଣସି ବି ସାଧାରଣ ନାଗରିକ ରାସ୍ତାରେ ସୁରକ୍ଷିତ ରହିବେ ନାହିଁ। ଯେଉଁ ଝିଅଙ୍କ ପାଇଁ ଏହି ବିବାଦ ସୃଷ୍ଟି ହେଲା ବୋଲି କୁହାଯାଉଛି, ସେମାନେ ଏପର୍ଯ୍ୟନ୍ତ ତଦନ୍ତ ପରିସରଭୁକ୍ତ ନହେବା ପଛର ରହସ୍ୟ କ'ଣ ? ସୌମ୍ୟଙ୍କ ପିତାମାତା ଆଜି ଯେଉଁ ଅବ୍ୟକ୍ତ ଯନ୍ତ୍ରଣା ଭିତରେ ଗତି କରୁଛନ୍ତି, ତାହା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ। ସେମାନଙ୍କର ଏକମାତ୍ର ସନ୍ତାନର ଚିତ୍କାର ଆଜି ପ୍ରତିଟି ଓଡ଼ିଆଙ୍କ କାନରେ ପ୍ରତିଧ୍ୱନିତ ହେଉଛି। କ୍ରାଇମବ୍ରାଞ୍ଚ ତଦନ୍ତ ନାମରେ କେବଳ ସମୟ ଗଡ଼ାଇ ଚାଲିଲେ ଲୋକଙ୍କ ଭରସା ଶାସନ ବ୍ୟବସ୍ଥା ଉପରୁ ଉଠିଯିବ।

ସୌମ୍ୟ ରଞ୍ଜନ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଝିଅ ଏବଂ ତାଙ୍କ ସାଙ୍ଗ ଦେଇଥିବା ବୟାନକୁ ଯଦି ଆମେ ଘଟଣାର ପରିପ୍ରେକ୍ଷୀରେ ଅନୁଧ୍ୟାନ କରିବା, ତେବେ ଏଥିରେ ଅନେକ ଅସଙ୍ଗତି ଓ ପ୍ରଶ୍ନବାଚୀ ଦେଖାଦେଉଛି । ଏକ ନିରପେକ୍ଷ ଦୃଷ୍ଟିକୋଣରୁ ଏହି ବୟାନଗୁଡ଼ିକର ଯୁକ୍ତିଯୁକ୍ତତା କିଛି କାରଣରୁ ସନ୍ଦେହ ଘେରକୁ ଆସୁଛି । ଯଦି କୌଣସି ବିବାଦ ଘଟିଲା, ତେବେ ଜଣେ ସାଧାରଣ ଶିକ୍ଷିତ ବ୍ୟକ୍ତି ବା ବନ୍ଧୁ ପୋଲିସ୍‌କୁ ଖବର ଦେବା କିମ୍ବା ଘଟଣାକୁ ଶାନ୍ତ କରିବାକୁ ଚେଷ୍ଟା କରିଥାଏ। କିନ୍ତୁ ଏଠାରେ ଯେଉଁଭଳି ଭାବେ ଏକ 'ଉତ୍ତ୍ୟକ୍ତ ଭିଡ଼' ପ୍ରସ୍ତୁତ ହେଲା ଏବଂ ସୌମ୍ୟଙ୍କୁ ଆକ୍ରମଣ କରାଗଲା, ତାହା ଦର୍ଶାଉଛି ଯେ ବୟାନରେ ଦିଆଯାଇଥିବା ତଥ୍ୟ ଠାରୁ ବାସ୍ତବତା ଅଲଗା। ପୋଲିସ ସାମ୍ନାରେ ଜଣକୁ ମରାଯିବା ବେଳେ ଝିଅ ବା ତାଙ୍କ ସାଙ୍ଗଙ୍କ ନିରବତା ବା ବୟାନରେ 'ସୁରକ୍ଷା'ର ଦୁହାଇ ଦେବା ଆଦୌ ଯୁକ୍ତିଯୁକ୍ତ ମନେହେଉ ନାହିଁ।

ବୟାନରେ ଯଦି କୁହାଯାଉଛି ଯେ ସେମାନେ ନିରୀହ, ତେବେ ଘଟଣାସ୍ଥଳରେ ଥିବା ପୋଲିସ କର୍ମଚାରୀ କାହିଁକି ସେମାନଙ୍କ ବିରୋଧରେ କିମ୍ବା ସେହି ଉତ୍ତ୍ୟକ୍ତ ଭିଡ଼ ବିରୋଧରେ କୌଣସି ପଦକ୍ଷେପ ନେଲେ ନାହିଁ ? ଓଲଟା ପୋଲିସ ସେହି ଭିଡ଼କୁ ସହଯୋଗ କରୁଥିବା ଭଳି ଦୃଶ୍ୟ ବୟାନର ସତ୍ୟତାକୁ ସମ୍ପୂର୍ଣ୍ଣ ଭାବେ କାଟି ଦେଉଛି । ଆଇନ ଅନୁଯାୟୀ, ଯଦି ଆପଣଙ୍କ ସାମ୍ନାରେ କୌଣସି ଅପରାଧ ଘଟୁଛି ଏବଂ ଆପଣ ତାହାକୁ ରୋକିବା ପରିବର୍ତ୍ତେ ଉସୁକାଉଛନ୍ତି କିମ୍ବା ନିରବ ରହୁଛନ୍ତି, ତେବେ ଆପଣ ମଧ୍ୟ ସେହି ଅପରାଧର ସହଭାଗୀ। ଝିଅ ଓ ତାଙ୍କ ସାଙ୍ଗଙ୍କ ବୟାନରେ ଘଟଣାକୁ ଯେଉଁଭଳି ଭାବେ ବୁଲାଇ କୁହାଯାଉଛି, ତାହା କେବଳ ନିଜକୁ ବଞ୍ଚାଇବାର ଏକ ହୀନ ପ୍ରୟାସ ଭଳି ମନେହୁଏ। ସୌମ୍ୟ ସେହି ସ୍ଥାନକୁ କିଭଳି ପହଞ୍ଚିଲେ ଏବଂ ତାଙ୍କୁ ସେଠାକୁ କିଏ ଡାକିଥିଲା ? ଏହି ପ୍ରଶ୍ନର ସଠିକ୍ ଉତ୍ତର ବୟାନରେ ମିଳୁନାହିଁ। ଯଦି ଜଣେ ବ୍ୟକ୍ତିଙ୍କୁ ଏକାଧିକ ଲୋକ ଘେରି ପିଟୁଛନ୍ତି, ତେବେ ଏହା କୌଣସି ଆକସ୍ମିକ ଘଟଣା ନୁହେଁ। ବୟାନରେ 'ଆତ୍ମରକ୍ଷା' କିମ୍ବା 'ଭୁଲ ବୁଝାମଣା'ର ଯେଉଁ ଚିତ୍ର ଦିଆଯାଉଛି, ତାହା ଭିଡିଓରେ ଦେଖାଯାଉଥିବା ବିଭତ୍ସତା ସହ ତାଳମେଳ ରଖୁନାହିଁ।

ଏଠାରେ କିଛି ପ୍ରଶ୍ନ ଉଙ୍କି ମାରୁଛି - ଯଦି ସୌମ୍ୟ ଭୁଲ ଥିଲେ, ତେବେ ତାଙ୍କୁ ଆଇନ୍ ଅନୁଯାୟୀ ପୋଲିସ୍ ଜିମା ଦିଆଗଲା ନାହିଁ କାହିଁକି ? କେଉଁ ଅଧିକାରରେ ସେମାନେ ଏକ ଯୁବକକୁ ମୃତ୍ୟୁ ପର୍ଯ୍ୟନ୍ତ ପିଟିବାକୁ ଭିଡ଼କୁ ଅନୁମତି ଦେଲେ ? ଡାଲା ଗାଡ଼ିରେ ମୃତ ପଶୁ ଭଳି ପଠାଇବା ସମୟରେ ଏମାନଙ୍କ ମାନବିକତା କୁଆଡ଼େ ଯାଇଥିଲା ? ଏହି ବୟାନ ଗୁଡ଼ିକ କେବଳ କାହାଣୀ ସଦୃଶ, ଯାହାର ବାସ୍ତବତା ସହ କୌଣସି ସମ୍ପର୍କ ନାହିଁ। ଜଣେ ବ୍ୟକ୍ତି ପ୍ରାଣ ହରାଇବା ପରେ ତାଙ୍କ ବିରୋଧରେ ସଫେଇ ଦେବା ଅତ୍ୟନ୍ତ ନିନ୍ଦନୀୟ। କ୍ରାଇମବ୍ରାଞ୍ଚ ତଦନ୍ତରେ ସେମାନଙ୍କୁ 'ତଦନ୍ତ ପରିସରଭୁକ୍ତ' ନ କରିବା ପ୍ରଶାସନର ଏକ ବଡ଼ ଦୁର୍ବଳତା। ଏହି ବୟାନଗୁଡ଼ିକ ଆଦୌ ଯୁକ୍ତିଯୁକ୍ତ ନୁହେଁ, ବରଂ ଏହା ନ୍ୟାୟକୁ ବାଟବଣା କରିବାର ଏକ ମାଧ୍ୟମ। ପୁଣିଥରେ କହିରଖୁଛି ଯେ, ପୋଲିସ୍ ସାମ୍ନାରେ ଘଟଣା ଘଟିବା ସମାଜ ପାଇଁ ଏକ ଅଶୁଭ ସଙ୍କେତ। ଏହା ପ୍ରମାଣ କରେ ଯେ ଅପରାଧୀମାନେ ବ୍ୟବସ୍ଥାକୁ ନିଜ ପକେଟରେ ରଖିଛନ୍ତି କିମ୍ବା ବ୍ୟବସ୍ଥା ସେମାନଙ୍କ ଆଗରେ ଆଣ୍ଠେଇ ପଡ଼ିଛି। ତେଣୁ ଏହା ସମ୍ପୂର୍ଣ୍ଣ ରୂପେ ଅସମୀଚୀନ ଓ ଗ୍ରହଣୀୟ ନୁହେଁ ।

ସରକାର କିମ୍ବା ପୋଲିସ ସବୁ ସମସ୍ୟାର ସମାଧାନ କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ଜନସାଧାରଣ ସଚେତନ ନ ହୋଇଛନ୍ତି। ନିଜ ଅଞ୍ଚଳକୁ ଅପରାଧମୁକ୍ତ ରଖିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଲୋକଙ୍କୁ ଏକଜୁଟ ହେବାକୁ ପଡ଼ିବ। ଅପରାଧୀଙ୍କୁ ପ୍ରଶ୍ରୟ ନଦେଇ ସେମାନଙ୍କ ବିଷୟରେ ପ୍ରଶାସନକୁ ସୂଚନା ଦେବା ହେଉଛି ଜଣେ ସତର୍କ ନାଗରିକର କର୍ତ୍ତବ୍ୟ । ଘଟଣାଟି କେବଳ ଆକସ୍ମିକ ନୁହେଁ, ବରଂ ଏଥିରେ କିଛି ମାତ୍ରାରେ ପୂର୍ବ ଯୋଜନା ବା ଗୋଷ୍ଠୀଗତ ବିବାଦର ସୂଚନା ମିଳୁଛି।

ମୃତକ ସୌମ୍ୟ ଜଣେ ରେଳ ବିଭାଗର ଆରକ୍ଷୀ କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲେ । ତେଣୁ ଉଚ୍ଚପଦସ୍ଥ କିଛି ଅଧିକାରୀଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତାଙ୍କୁ ନିୟୋଜିତ କରୁଥିବା ଏବଂ ସେ ଜଣେ ଜିମ୍ ଟ୍ରେନ୍ ହୋଇଥିବାରୁ ଅର୍ଥ ଦେଣନେଣକୁ ନେଇ କିଛି ବିବାଦ ଥମିବାର ସତ୍ୟତା ବିଭିନ୍ନ ଭିଡ଼ିଓ ମାଧ୍ୟମରେ ଲୋକଲୋଚନକୁ ଆସୁଛି । ବିଶେଷ ଭାବରେ ସୌମ୍ୟଙ୍କ ବ୍ୟକ୍ତିଗତ ଚରିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସେ ଜଣେ ଅତ୍ୟନ୍ତ ଗରିବ ପରିବାରର ମେଧାବୀ ଛାତ୍ର ଥିଲେ ଓ ସ୍ପଷ୍ଟ ଭାବରେ ଅନ୍ୟାୟକୁ ବିରୋଧ କରିବା ତାଙ୍କର ଏକ ସ୍ୱତନ୍ତ୍ର ଗୁଣ ଥିଲା। ସେଥିପାଇଁ ମଧ୍ୟ ସେ କେତେକ ଅସାଧୁ ବ୍ୟକ୍ତିଗତ ସ୍ୱାର୍ଥ କୈନ୍ଦ୍ରିକ ଅଧିକାରୀଙ୍କ ଆକ୍ରୋଶର ପରିସରକୁ ଆସିଥିଲେ ।

ବାଲିଅନ୍ତା ଏକ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ (ଭୁବନେଶ୍ୱର ଓ କଟକ ମଝିରେ) ହୋଇଥିବାରୁ, ଅପରାଧୀମାନେ ଏହାକୁ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି । ସହରୀକରଣ ବଢୁଥିବା ବେଳେ ଏଠାରେ ସୁରକ୍ଷା ବ୍ୟବସ୍ଥା ସେହି ଅନୁପାତରେ ବଢ଼ିନାହିଁ। ଏଠାରେ ପୋଲିସ ଫାଣ୍ଡି ବା ଥାନାରେ କର୍ମଚାରୀଙ୍କ ସଂଖ୍ୟା ଜନସଂଖ୍ୟା ତୁଳନାରେ ଯଥେଷ୍ଟ କମ୍। ଏହାର ସୁଯୋଗ ଅପରାଧୀମାନେ ନେଉଛନ୍ତି। ମୁଖ୍ୟ ରାସ୍ତା ଓ ଛକଗୁଡ଼ିକରେ ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା ନଥିବା ଯୋଗୁଁ ଅପରାଧ ଘଟାଇ ଅପରାଧୀମାନେ ସହଜରେ ଖସି ପଳାଉଛନ୍ତି । ଏହା ତଦନ୍ତ ପ୍ରକ୍ରିୟାକୁ ମଧ୍ୟ ମନ୍ଥର କରୁଛି। ସ୍ଥାନୀୟ ବ୍ୟବସାୟୀ ସଂଘ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ଏକ ଅସୁରକ୍ଷିତ ଭାବନା ସୃଷ୍ଟି ହୋଇଛି।

ଏହି ଘଟଣା ପରେ ସ୍ଥାନୀୟ ବଜାର ଓ ସର୍ବସାଧାରଣ ସ୍ଥାନ ଗୁଡ଼ିକରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟା ପରେ ଲୋକମାନେ ବାହାରକୁ ବାହାରିବା ପାଇଁ ଅସୁରକ୍ଷିତ ମଣୁଛନ୍ତି । ସବୁଠାରୁ ଦୁଃଖଦାୟକ ବିଷୟ ହେଉଛି, ଏହି ଅପରାଧିକ ଘଟଣାରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ସଂପୃକ୍ତି। ନିଶା ଓ ସହଜରେ ଅର୍ଥ ରୋଜଗାର କରିବାର ନିଶା ସେମାନଙ୍କୁ ଏଭଳି ଦିଗହୀନ କରିଦେଉଛି। ବାଲିଅନ୍ତା ଆଉ କେବଳ ଏକ ଶାନ୍ତ ଉପକଣ୍ଠ ହୋଇ ରହିନାହିଁ, ବରଂ ଅପରାଧୀଙ୍କ ପାଇଁ ଏକ ସହଜ ରଣକ୍ଷେତ୍ରରେ ପରିଣତ ହେବାକୁ ଯାଉଛି। ଯଦି ପ୍ରଶାସନ ଏବେ ଚେତିବ ନାହିଁ, ତେବେ ସମାଜର ସୁରକ୍ଷା ବଳୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ । (କ୍ରମଶଃ)

+ସମ୍ପାଦକ(ପ୍ରତିଷ୍ଠାତା)
ସୁଦେଷ୍ଣା (ଦୈନିକ ଖବରକାଗଜ) ଓ ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ

# ବାଇଶି ପାହାଚରେ ଗଡ଼ଗଡ଼ଉ ଥା....



## ବିକ୍ରମ ମହାପାତ୍ର

ଆବହମାନ କାଳରୁ ଲୋକମୁଖରେ ପ୍ରଚଳିତ ଦୀପାବଳି ପର୍ବରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଥିବା କଥାଟି ହେଲା - 'ବଡ଼ ବଡୁଆ ହୋ ସ୍ୱର୍ଗେ ଯା, ଅନ୍ଧାରେ ଆସି ଆଲୁଏ ଯା। ଗଙ୍ଗା ଯା, ଗୟା ଯା, ଶ୍ରୀ ପୁରୁଷୋତ୍ତମ ଯା, ବାଇଶି ପାହାଚରେ ଗଡ଼ଗଡ଼ଉ ଥା, ଦୁଧ ରଖି ସର ଖା, ଆମକୁ ଅମୃତ ଦୃଷ୍ଟିରେ ଚାହିଁଥା।' ଏ ସମ୍ପର୍କରେ ଆଉ ଏକ ପ୍ରାମାଣିକ ସିଦ୍ଧାନ୍ତ ହେଲା - 'ମୁକୁନ୍ଦ ମୁଖଚନ୍ଦ୍ରମା ସମବ ଲୋକନାୟାଗତାନ୍ ଜନାନ୍ ପ୍ରତି ବିରଜିତେକଚ୍ୟୁତ ପୁରୀ ସୁନିଃଶ୍ରେଣୀବତ୍। ଯଦାୟ ଶ୍ରୁତି ମନ୍ଦିରରେ ଦ୍ୱେଦ୍ଧିକ ବିଂଶତିମାଧବଃ ସ ଏବ ପତିତପ୍ରଭୁର୍ହବ୍ୟତୁ ମା ସ୍ୱସୋପାନଭୂଃ।' - ଜଗନ୍ନାଥ ଶତକମ୍।

ଲୋକ ବିଶ୍ୱାସରେ ପ୍ରଚଳିତ - 'ଦାନଂ କର୍ମଂ ଚ ଶ୍ରାଦ୍ଧଂ ତ ପାବଚ୍ଛେ ବିଷ୍ଣୁଲୋକମବାପ୍ନୁ ଯାତ।' ବାଇଶି ପାହାଚରେ ଦାନକର୍ମ ପ୍ରାପ୍ତି ହୁଏ। ସାଂଖ୍ୟ ଦର୍ଶନର ସୃଷ୍ଟି ତତ୍ତ୍ୱ ହେଲା, ପଚିଶ ଅର୍ଥାତ ପଞ୍ଚବିଂଶ ତତ୍ତ୍ୱରୁ ହିଁ ସୃଷ୍ଟିର ଉତ୍ପତ୍ତି। ପାଞ୍ଚ କର୍ମେନ୍ଦ୍ରିୟ, ପାଞ୍ଚ ଜ୍ଞାନେନ୍ଦ୍ରିୟ, ପାଞ୍ଚ ମହାଭୂତ, ପାଞ୍ଚ ତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ) ମନ ଏବଂ ଅହଂକାର ସବୁ ମିଶି ବାଇଶି। ଚେଷ୍ଟା ବଳରେ ମଣିଷ କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟକୁ ଆୟତ୍ତ କରି ପଞ୍ଚମହାଭୂତ ଓ ତନ୍ମାତ୍ରକୁ ଜୟ କରିପାରେ, ଏପରିକି ମନକୁ ମଧ୍ୟ ସଂଯତ କରିପାରେ ମାତ୍ର ଅଂହକାର ବଡ଼ ଦୁର୍ଦ୍ଦାନ୍ତ ତାକୁ ଦମନ କରି ପାରିଲେ ପର ଆପଣାର ଭେଦ ରହେ ନାହିଁ। ଏହି ବାଇଶିଟି ପ୍ରକୃତି ହିଁ ବାଇଶି ପାହାଚ ଯାହାକୁ ଦମନ କରିପାରିଲେ ମୁକ୍ତି ନିଶ୍ଚିତ।

ସଂପ୍ରତି ପାହାଚ ଗୁଡ଼ିକ ସଂଖ୍ୟା ବାଇଶି ନ ହେଲେ ମଧ୍ୟ ଏଠାରେ ବାଇଶିଟି ପାହାଚ ଥିବା ବିଶ୍ୱାସ କରାଯାଏ। ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ପୂର୍ବେ ବାଇଶି ପାହାଚ ପ୍ରକୃତରେ ଥିଲା। କିନ୍ତୁ ମରାମତି ଓ ଅନ୍ୟାନ୍ୟ କାରଣ ଯୋଗୁଁ ସେହି ପାହାଚ ଗୁଡ଼ିକ ଆଉ ଦୃଶ୍ୟମାନ ହେଉନାହିଁ। ତେବେ ଆନନ୍ଦ ବଜାର ପ୍ରବେଶ ପଥରେ ଦୁଇଟି ପାହାଚକୁ ମିଶାଇ ସଂପ୍ରତି ଏହି ସଂଖ୍ୟା ୨୦ରେ ସୀମିତ ରହିଛି। ଏହି ପାହାଚଟି ଆରମ୍ଭ ହୋଇଛି ଅଷ୍ଟାଦଶତମ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦ ବଜାର ପ୍ରବେଶ ମାର୍ଗର ଦ୍ୱାର ଯାଏଁ। ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭା ପାଉଛି ଖୁବ ପ୍ରକାଣ୍ଡକାୟ ଦୁଇଟି ସିଂହ ମୂର୍ତ୍ତି। ମୂର୍ତ୍ତି ଦ୍ୱୟର ଉଚ୍ଚତା ପ୍ରାୟ ୭ ଫୁଟ ହେବ। ବାଇଶି ପାହାଚସ୍ଥିତ ସମସ୍ତ ପାବଚ୍ଛର ଆୟତନ ଏକା ପ୍ରକାରର ନୁହେଁ।

ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ ଯାହାର ପ୍ରସ୍ଥ ପ୍ରାୟ ୧୫ ଫୁଟ। ଆନନ୍ଦ ବଜାର ପ୍ରବେଶ ମାର୍ଗର ୧୯ତମ ଓ ବିଂଶ ତମ ପାବଚ୍ଛ ଦୁଇଟି ଅର୍ଦ୍ଧ ଗୋଲାକୃତିର। ପ୍ରସ୍ଥରେ ଏହି ପାହାଚ ଦ୍ୱୟ ପ୍ରାୟ ୬ ଫୁଟ। ବାଇଶି ପାହାଚ ଦେଇ ମନ୍ଦିରକୁ ପ୍ରବେଶ ମାର୍ଗର ତୃତୀୟ ପାବଚ୍ଛର ଦକ୍ଷିଣ ପାର୍ଶ୍ୱରେ କାଶୀ ବିଶ୍ୱନାଥ ମନ୍ଦିର ଅବସ୍ଥିତ। ବାଇଶି ପାବଚ୍ଛର ସମସ୍ତ ପାହାଚ ବଉଳମାଳା ବା ଶାଣ ପଥରରେ ନିର୍ମିତ ଏବଂ ପ୍ରାୟ ପନ୍ଦର ଗୋଟି ପାହାଚର ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ସମାନ ଅଟେ।

ବାଇଶି ପାହାଚର ଦୁଇ ପଟରେ ଦକ୍ଷିଣ ଓ ଉତ୍ତରକୁ ଦୁଇଟି ପାଚେରୀ ଅଛି। ଏହି ଦୁଇ ପାର୍ଶ୍ୱରେ ପ୍ରାଚୀରର ଉପର ଅଂଶ ସମତଳ ରହିଛି। ଇତିହାସ ପ୍ରସିଦ୍ଧ ଶ୍ରୀମନ୍ଦିର ଓ ତାର ପରିସର ଅତ୍ୟନ୍ତ ପବିତ୍ର ବୋଲି ବିଭିନ୍ନ ପୁରାଣ ଓ ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବା ଜଣାଯାଏ। ରତ୍ନସିଂହାସନ, କଳ୍ପବଟ, ରୋହିଣୀ କୁଣ୍ଡ ଭଳି ବାଇଶି ପାହାଚର ମାହାତ୍ମ୍ୟ ଓ ପବିତ୍ରତାକୁ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରାଯାଏ।

+ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋ:୯୪୩୭୦୨୧୬୧୫




## ଗାଦି ଓ ବିଚାରକ

### ମୋହନ କୁମାର ସ୍ୱାଇଁ



ଗାଦି ପଡ଼ିଅଛି ଯେଉଁଠି ସେଇଠି
ଜାଗା ବଦଳାଉ ନାହିଁ
କେହି ବସୁଅଛି ପାଞ୍ଚ ଦଶ ବର୍ଷ
କେହି ଦୁଇ ଦିନ ପାଇଁ ।

ନିଜର ଇଚ୍ଛାରେ ଲୋକେ ହିଁ ବାଛନ୍ତି
ଗାଦିରେ ବସିବା ଲୋକ
ବେଇମାନୀ କଲେ, ଚଉକି ଗୋଡ଼କୁ
ଉଡାନ୍ତି ମାରିକି ଫୁଙ୍କ ।

ଗାଦି ଝିଙ୍କା ପରେ ଯଦି କେହି କୁହେ
ଗାଦିକୁ ଛାଡ଼ିବି ନାହିଁ
ତାଠାରୁ ମୂରୁଖ ଚୌକିଦାର ଟି
କିଏବା ପାରିବ ହୋଇ ।

ଲୋକଙ୍କ ଗାଦି ତ ଲୋକଙ୍କର ପାଇଁ
ଲୋକଙ୍କୁ ଦେବାକୁ ସେବା
ଉଠିବିନି କହି ବସିକି ରହିଲେ
ଲୋକେ ଦେଇଦେବେ ଖୋବା ।

ଖୋବା ଖାଇବାକୁ ଇଚ୍ଛା ଯେବେ ଅଛି
ଯାହା ଇଚ୍ଛା ତାହା କର
ଆଇନ୍ ଆସିବ ଆପଣା ବାଟରେ
ଅନିତି ହୋଇବ ଦୂର ।

ଅହଙ୍କାର କେବେ ଶୋଭା ପାଏନାହିଁ
ପାଇଥିଲେ ଦାନ, ଗାଦି
ଅଯୋଗ୍ୟ ମଣିଷ ବସି ପଡ଼ିଥିଲେ
ନାଗଫାଶେ ହୁଏ ଛନ୍ଦି ।

+ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର, ମୋ:୮୧୧୮୦୯୯୦୩୮

## ମାଆ ଡାକ କେଡେ ମଧୁର

### ରମେଶ ଚନ୍ଦ୍ର ନାୟକ



ସଂସାରରେ ସାର ଦୁଇଟି ଅକ୍ଷର
ସବୁ ଠାରୁ ଲାଗେ ସୁନ୍ଦର
ତ୍ୟାଗ ତପସ୍ୟାର ଜ୍ୱଳନ୍ତ ପ୍ରତୀକ
ମାଆ ଶବ୍ଦ କେଡ଼େ ମଧୁର ।
ମୁଖେ ମାଆ ଶବ୍ଦ ଝରଇ ଅମୃତ
ଲାଭକରେ ପୂଣ୍ୟ ଜୀବନ
ମାଆ ଶବ୍ଦ ସ୍ୱର ଏତେ ଯେ ଗଭୀର
ବ୍ରହ୍ମାଣ୍ଡ ହୁଅଇ ବିଲୀନ ।
ଆକାଶ ଠୁ ବଡ଼ ମାଟି ଠୁ ନିବିଡ଼
ଜୀବନ ନାଆର ନାଉରୀ
ଦେବାଦେବୀ ଯାକ ଶୁଣି ମାଆ ଡାକ
ସ୍ୱର୍ଗୁ ଆସିଥାନ୍ତି ବାହାରି ।
ମାଆ ଶବ୍ଦ ଧ୍ୱନି ମଞ୍ଜି ଦିଏ ବୁଣି
ସନ୍ତାନ ଲଭଇ ସଂସ୍କାର
ସବୁ ଦୁଃଖ କ୍ଲେଶ ହୋଇଥାଏ ଶେଷ
ତୁଣ୍ଡେ ମାଆ ଶବ୍ଦ ଧାରଣ ।
ମାଆ ଶବ୍ଦ ବାଣୀ ଅଟେ ବୈତରଣୀ
ଧୋଇ ଦିଏ ସବୁ ପାପକୁ
ହରି ହର ରାମ ଯେତେ ଧର ନାମ
ମାଆ ନାମ ସାର ଜପକୁ ।
ସୁରକ୍ଷିତ ସ୍ଥଳ ପାଅ ଥଳ କୂଳ
ସତ୍ୟ ଶାନ୍ତି ଦୟା ସାଗର
ସ୍ନେହ ଶ୍ରଦ୍ଧା ପ୍ରେମ ଅନନ୍ତ ଉତ୍ସର
ଗନ୍ତାଘର ମାଆ ଶବ୍ଦର ।
ଈ ଈ ଈ

+କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

# ଅମୃତାଙ୍କ ବାୟୋପିକ୍‌ରେ ଅଞ୍ଜଳି



ବିଶ୍ୱ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ମୀରା ନାୟର ୨୦୨୦ରେ ଘୋଷଣା କରିଥିଲେ ଯେ ସେ ଚିତ୍ରଶିଳ୍ପୀ ଅମୃତା ଶେର-ଗିଲ୍‌ଙ୍କ ଅସାଧାରଣ ଜୀବନକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବେ। ସେହି ବହୁ ପ୍ରତୀକ୍ଷିତ ବାୟୋପିକ୍‌ରେ ହଙ୍ଗେରୀୟ-ଭାରତୀୟ ଚିତ୍ରଶିଳ୍ପୀ ଅମୃତାଙ୍କ ଭୂମିକା ପାଇଁ ମୀରା ଦୀର୍ଘ କାଳରୁ ଉପଯୁକ୍ତ ଅଭିନେତ୍ରୀ ଖୋଜୁଥିଲେ। ମୁମ୍ବାଇ, ଲଣ୍ଡନ୍ ଓ ନ୍ୟୁୟର୍କ ସହରର ୧୦୦ରୁ ଅଧିକ ଅଭିନେତ୍ରୀଙ୍କ ଅଡିସନ୍ ନେବା ପରେ ମୀରା ଏଥିପାଇଁ ଅଞ୍ଜଳି ଶିବରମଣଙ୍କୁ ବାଛିଛନ୍ତି। ୩୧ ବର୍ଷୀୟ ଅଞ୍ଜଳିଙ୍କ ଜନ୍ମ କେରଳମ୍‌ରେ। ସେ ମଡେଲିଂରୁ କ୍ୟାରିଅର ଆରମ୍ଭ କରିଥିବା ବେଳେ ୨୦୨୮ ମସିହାରେ ୱେବ୍ ଧାରାବାହିକ 'ପିଏମ୍ ସେଲ୍‌ଫି ୱାଲୀ' ଜରିଆରେ ଅଭିନୟ ଆରମ୍ଭ କରିଥିଲେ। ତାଙ୍କୁ ମୁଖ୍ୟ ଚରିତ୍ର ମିଳିଥିଲା ଗତ ବର୍ଷ ମୁକ୍ତିଲାଭ କରିଥିବା 'ବ୍ୟାଡ୍ ଗର୍ଲ' ଚଳଚ୍ଚିତ୍ରରେ। ଏବେ ମୀରାଙ୍କ ନିର୍ଦ୍ଦେଶନାରେ ଅଭିନୟ କରିବା ଅଞ୍ଜଳିଙ୍କ କ୍ୟାରିଅର ଲାଗି ଏକ ବଡ଼ ସଫଳତା ସାବ୍ୟସ୍ତ ହୋଇପାରେ।

ନିର୍ଦ୍ଦେଶକ ମୀରା କହନ୍ତି ଯେ ସେ ଅମୃତାଙ୍କ ନିକଟରୁ ଦୁନିଆକୁ ଦେଖିବାର ଦୃଷ୍ଟିକୋଣ ଆହରଣ କରିଥିଲେ; ତାଙ୍କର ସମସ୍ତ ଚଳଚ୍ଚିତ୍ର ଅମୃତାଙ୍କ କଳା ଦ୍ୱାରା ପ୍ରଭାବିତ। ସେଥିପାଇଁ ସେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ 'ଅମ୍ରି' ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ଏହି ଚଳଚ୍ଚିତ୍ରରେ ଅମୃତାଙ୍କ ମା' ଭୂମିକାରେ ଏମିଲି ୱାଟ୍‌ସନ୍, ବାପା ଭୂମିକାରେ ଜୟଦୀପ ଅହଲ୍ୱାତ୍, ନୃତ୍ୟଶିଳ୍ପୀ ମାଡାମ୍ ଆଜୁରିଙ୍କ ଭୂମିକାରେ ପ୍ରିୟଙ୍କା ଚୋପ୍ରା ମଧ୍ୟ ଅଭିନୟ କରୁଛନ୍ତି। ହଙ୍ଗେରି ଓ ଭାରତର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ଚାଲିଛି।




# ବକ୍ସ ଅଫିସରେ 'ଭୂତ ବଙ୍ଗଲା'ର କ୍ରେଜ୍: ୨୪ଦିନରେ ବିଶ୍ୱବ୍ୟାପୀ କଲେକ୍ସନ ୨୦୦କୋଟି ଟପିଲା

ଅକ୍ଷୟ କୁମାର ଅଭିନୀତ ହରର କମେଡି ଫିଲ୍ମ 'ଭୂତ ବଙ୍ଗଲା' ବକ୍ସ ଅଫିସରେ ଏକ ମାସ ପୂରିବାକୁ ଯାଉଛି। ଏହା ଭଲ ପ୍ରଦର୍ଶନ ଜାରି ରଖିଛି । ରିଲିଜ୍ ପରେ ୨୪ ଦିନ ପୂରଣ କରିଥିବା ଏହି ଚଳଚ୍ଚିତ୍ରଟିର ସପ୍ତାହର କାର୍ଯ୍ୟଦିନ ଗୁଡ଼ିକରେ ଆୟ କମ୍ ରହିଥିଲେ ମଧ୍ୟ ସପ୍ତାହ ଶେଷରେ ପୁଣି ଜୋରଦାର ଆୟ କରିଛି । 'ଭୂତ ବଙ୍ଗଲା' ଏପ୍ରିଲ ୧୭ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ପ୍ରଥମ ଦିନରେ ଫିଲ୍ମଟି ୧୨.୨୫ କୋଟି ରୋଜଗାର କରିଥିଲା। ଏହା ପୂର୍ବରୁ ପେଡ୍ ରିଭ୍ୟୁ ମାଧ୍ୟମରେ ୩.୭୫ କୋଟି ଆୟ ହୋଇଥିଲା। ପ୍ରଥମ ସପ୍ତାହରେ ଫିଲ୍ମର କଲେକ୍ସନ ୮୪.୪୦ କୋଟି ଥିବା ବେଳେ, ଦ୍ୱିତୀୟ ସପ୍ତାହରେ ଏହା ୪୩.୭୫ କୋଟି ଏବଂ ତୃତୀୟ ସପ୍ତାହରେ ୨୧.୮୫ କୋଟି ରୋଜଗାର କରିଥିଲା।

ଚତୁର୍ଥ ସପ୍ତାହରେ ମଧ୍ୟ ଫିଲ୍ମର ଚାହିଦା କମିନାହିଁ। ୨୨ତମ ଦିନ ଶୁକ୍ରବାରରେ ଫିଲ୍ମଟି ୧.୭୫ କୋଟି ଆୟ କରିଥିଲା। ଶନିବାର ଏହି ଆୟ ବଢ଼ି ୩ କୋଟିକୁ ପହଞ୍ଚିଥିଲା। ରବିବାର, ଅର୍ଥାତ୍ ୨୪ତମ ଦିନରେ, ଫିଲ୍ମଟି ଆହୁରି ବଡ଼ ଆୟ ସହ ୩.୯୫ କୋଟି ରୋଜଗାର କରିଛି। ଏହା ସହିତ ଫିଲ୍ମର ମୋଟ କଲେକ୍ସନ ୧୫୮.୭୦ କୋଟିରେ ପହଞ୍ଚିଛି। ଫିଲ୍ମରେ ଅକ୍ଷୟ କୁମାରଙ୍କ ସହ ପରେଶ ରାୱଲ, ରାଜପାଲ ଯାଦବ, ତବୁ ଏବଂ ଭାମିକା ଗବ୍ବି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ହରର ଏବଂ କମେଡି ମିଶ୍ରିତ ଏହି ଫିଲ୍ମ ପ୍ରତି ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ମଧ୍ୟ ଫିଲ୍ମଟି ଧମାକାଦାର ଆୟ କରିଚାଲିଛି। ରିପୋର୍ଟ ଅନୁସାରେ 'ଭୂତ ବଙ୍ଗଲା'ର ବିଶ୍ୱବ୍ୟାପୀ କଲେକ୍ସନ ୨୩୬.୭୩ କୋଟିରେ ପହଞ୍ଚିଛି। ପ୍ରାୟ ୧୨୦ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମ ଏବେ ବ୍ଲକବଷ୍ଟର ହେବା ଦିଗରେ ଗତି କରୁଛି।

# ମମତାଙ୍କୁ କଟାକ୍ଷ: ଚର୍ଚ୍ଚାରେ ଗାୟିକା ଉଷା ଉଥୁପ୍



ଏକ ଭାଇରାଲ୍ ଭିଡିଓକୁ ନେଇ ବରିଷ୍ଠ ଗାୟିକା ଉଷା ଉଥୁପ୍, ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଏକ ଭିଡିଓରେ ସେ "ଦିଦି" ନାମକ ଏକ ବଙ୍ଗଳା ଗୀତ ଗାଉଥିବା ଦେଖିବାକୁ ମିଳିଛି। ଯେଉଁଥିରେ କିଛି ୟୁଜର ଦାବି କରିଥିଲେ ଯେ,ଏହି ଗୀତରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପରୋକ୍ଷ ଭାବେ କଟାକ୍ଷ କରିଛନ୍ତି। ଭିଡିଓଟି ଭାଇରାଲ୍ ହେବା ପରେ ସୋସିଆଲ୍ ମିଡିଆରେ ବିଭିନ୍ନ ପ୍ରକାରର ଅଭିଯୋଗ ଆସିଥିଲା। ଜଣେ ୟୁଜର ଦାବି କରିଥିଲେ ଯେ, "ଦିଦି" ଗୀତ ଗାଇ ଉଷା ଉଥୁପ୍ ମମତା ବାନାର୍ଜୀଙ୍କ ବିରୋଧରେ କଟାକ୍ଷ କରିଛନ୍ତି। ସେହି ପୋଷ୍ଟରେ ଏହା ମଧ୍ୟ କୁହାଯାଇଥିଲା ଯେ ଟିଏମସି ଶାସନକାଳରେ ତାଙ୍କ ଶୋ' ପାଇଁ କମିଶନ ଚାହିଁବାରୁ ସେ ଅସନ୍ତୁଷ୍ଟ ହୋଇ କୋଲକାତା ଛାଡିଥିଲେ। ଏହି ବିବାଦ ବଢ଼ିବା ପରେ ଉଷା ଉଥୁପ୍ ନିଜେ ଆଗକୁ ଆସି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି କହିଛନ୍ତି ଯେ ଭାଇରାଲ୍ ପୋଷ୍ଟରେ ଥିବା ଅନେକ ତଥ୍ୟ ଭୁଲ୍ ଅଟେ । "ଦିଦି" ଏକ ପୁରୁଣା ବଙ୍ଗଳା ଗୀତ, ଯାହା ବର୍ଷ ପୂର୍ବରୁ ଲେଖାଯାଇଥିଲା। ସେ ଦୁଇ ଦଶକରୁ ଅଧିକ ସମୟ ଧରି ନିଜ ଲାଇଭ୍ ଶୋ'ରେ ଏହି ଗୀତ ଗାଇ ଆସୁଥିବା କହିଛନ୍ତି। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ ୧୯୭୬ ମସିହାରୁ ସେ କୋଲକାତାରେ ରହୁଛନ୍ତି ଏବଂ କେବେ ମଧ୍ୟ ସହର ଛାଡ଼ି ମୁମ୍ବାଇକୁ ସ୍ଥାୟୀ ଭାବେ ଯାଇନାହାନ୍ତି। "କୋଲକାତା ମୋର ଘର।

# ମହତ୍ତ୍ୱାକାଂକ୍ଷୀ ନୋରା



'ସରକେ ଚୁନର' ଆଇଟମ୍ ଗୀତ ପାଇଁ ସାମୟିକ ଭାବେ ବିବାଦରେ ଛନ୍ଦି ହୋଇଥିଲେ ହେଁ ନୋରା ଫତେହୀ ନିଜର ମହତ୍ତ୍ୱାକାଂକ୍ଷାକୁ କ୍ଷୁଣ୍ଣ ହେବାକୁ ଦେଇ ନାହାନ୍ତି। ସେ ନିକଟରେ ଜାତୀୟ ମହିଳା କମିସନରେ ଫେରାଦ ହୋଇ ଉକ୍ତ ଗୀତ ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏହା ପରେ ସେ ଗୋଟିଏ ଦିନରେ ଦୁଇଟି ବଡ଼ କଥା ପ୍ରକାଶ କରିଛନ୍ତି। ପ୍ରଥମଟି ହେଲା ନୋରା ଏଥର ଫିଫା ବିଶ୍ୱ କପ୍‌ର ଉଦ୍‌ଘାଟନ ଉତ୍ସବରେ ନୃତ୍ୟଗୀତ ପରିବେଷଣ କରିବେ। ଆସନ୍ତା ଜୁନ୍ ୧୨ ତାରିଖରେ କାନାଡାର ଟରଣ୍ଟୋରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫିଫା ହେଉଛି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଫୁଟ୍‌ବଲ୍ ବିଶ୍ୱ କପ୍, ଯାହା ପୃଥିବୀର ସବୁଠାରୁ ଲୋକପ୍ରିୟ କ୍ରୀଡ଼ା ପ୍ରତିଯୋଗିତା ଭାବେ ପରିଗଣିତ। ଏଭଳି ଏକ ବିଶ୍ୱ ମଞ୍ଚରେ ମାଇକେଲ୍ ବବ୍‌ଲ, ଆଲେସିଆ କାରା, ଆଲାନିସ୍ ମୋରିସେଟେ ପ୍ରମୁଖ କଳାକାରଙ୍କ ସହିତ ସେ କଳା ପ୍ରଦର୍ଶନ କରିବେ। ଏହି ଖବର ପାଇ ନୋରା ଖୁବ୍ ସମ୍ମାନିତ ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ସ୍ମରଣଯୋଗ୍ୟ ଯେ ନୋରା ୨୦୨୨ ଫିଫା ବିଶ୍ୱ କପ୍‌ର ଉଦ୍‌ଯାପନୀ ଉତ୍ସବରେ ମଧ୍ୟ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ। ଏବେ ଆସିବା ନୋରାଙ୍କ ମହତ୍ତ୍ୱାକାଂକ୍ଷାକୁ ବଳ ଦେଉଥିବା ଦ୍ୱିତୀୟ ଖବରକୁ। ୯ ତାରିଖରେ ନୋରାଙ୍କ ବହୁପ୍ରତୀକ୍ଷିତ ଗୀତ 'ବଢ଼ି ରୋଲ୍' ମୁକ୍ତିଲାଭ କରିଛି। ଏହି ଇଂରେଜୀ ଗୀତଟି ସେ ନିଜେ ଗାଇଛନ୍ତି ଏବଂ ସେଥିରେ ଆକର୍ଷଣୀୟ ନୃତ୍ୟ ମଧ୍ୟ କରିଛନ୍ତି। ଗୀତଟି ଅଧିକ ଭାଇରାଲ୍ ହେଉଛି କାରଣ ଏଥିରେ ୟୋ ୟୋ ହନି ସିଂହ ମଧ୍ୟ ରାପ୍ କରିଛନ୍ତି। ମୁକ୍ତିଲାଭର ୨୨ ଘଣ୍ଟା ମଧ୍ୟରେ 'ବଢ଼ି ରୋଲ୍' ଗୀତର ଭିଡିଓକୁ ଦଶ ଲକ୍ଷରୁ ଅଧିକ ଥର ଦେଖାଯାଇ ସାରିଲାଣି।

# ସଂଘର୍ଷମୟ ଯାତ୍ରା ନେଇ ମୁହଁ ଖୋଲିଲେ କିଆରା ଆଡଭାନୀ





ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ନିଜ କ୍ୟାରିୟରର ପ୍ରାରମ୍ଭିକ ସଂଘର୍ଷମୟ ଦିନଗୁଡ଼ିକୁ ସ୍ମରଣ କରି ଭାବୁକ ହୋଇଛନ୍ତି। ଏବେ ସେ ଆଗାମୀ ଚଳଚ୍ଚିତ୍ର **Toxic: A Fairy Tale for Grown-Ups**ର ମୁକ୍ତି ପାଇଁ ପ୍ରସ୍ତୁତି ନେଉଥିବାବେଳେ, ନିକଟରେ ଏକ ପଡକାଷ୍ଟ୍ ଆଲୋଚନାରେ ସେ ତାଙ୍କ କ୍ୟାରିୟରର ଉତ୍ଥାନ-ପତନ ନେଇ ଖୋଲାଖୋଲି ଭାବେ କଥା ହୋଇଥିଲେ। ରାଜ ଶମାନୀଙ୍କ ପଡକାଷ୍ଟରେ କିଆରା କହିଥିଲେ ଯେ ତାଙ୍କର ପ୍ରଥମ ଫିଲ୍ମ 'ଫଗଲି' ବକ୍ସ ଅଫିସରେ ଆଶାଯୋଗ୍ୟ ସଫଳତା ନ ପାଇବାରୁ ସେ ଦୀର୍ଘ ସମୟ ଧରି କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସେ କହିଥିଲେ, "ମୋ ଜୀବନର ଖରାପ ଏବଂ କଠିନ ସମୟମାନେ ମୋର ସବୁଠାରୁ ବଡ଼ ଶିକ୍ଷକ ଥିଲେ। ପ୍ରତ୍ୟେକ ଅନୁଭବ ମୋତେ କିଛି ନା କିଛି ଶିଖାଇଛି।"

ଅଭିନେତ୍ରୀ କହିଛନ୍ତି ଯେ ଆଜି ମଧ୍ୟ ଅନେକ ଦର୍ଶକ ତାଙ୍କର ପ୍ରଥମ ଫିଲ୍ମ ଭାବେ **M.S. Dhoni: The Untold Story** କିମ୍ବା କବଭସକ୍ସ ଝସଭଶଷ କୁ ମନେ କରନ୍ତି, କାରଣ ଏହି ଦୁଇଟି ଫିଲ୍ମ ବଡ଼ ହିଟ୍ ହୋଇଥିଲା। କିନ୍ତୁ ସେ ସ୍ପଷ୍ଟ କରିଥିଲେ ଯେ ତାଙ୍କର ଅସଲ ଡେବ୍ୟୁ ଫିଲ୍ମ 'ଫଗଲି' ଥିଲା, ଯାହାକୁ ବହୁତ କମ୍ ଲୋକ ଦେଖିଥିଲେ। କିଆରା ଆହୁରି କହିଛନ୍ତି ଯେ 'ଫଗଲି' ପରେ ତାଙ୍କୁ ଲଗାତାର ଅଡିସନ୍ ଦେବାକୁ ପଡୁଥିଲା ଏବଂ ସୁଯୋଗ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ହୋଇଥିଲା। ସମାଲୋଚକମାନେ ତାଙ୍କ ଅଭିନୟକୁ ପ୍ରଶଂସା କରିଥିଲେ ମଧ୍ୟ ତାହା କାମରେ ପରିଣତ ହୋଇନଥିଲା। ସେ କହିଥିଲେ, "ଯେତେବେଳେ ଆପଣଙ୍କ ଫିଲ୍ମ ବ୍ୟବସାୟିକ ଭାବେ ସଫଳ ହୁଏ ନାହିଁ, ସେତେବେଳେ ଇଣ୍ଡଷ୍ଟ୍ରିରେ ସୁଯୋଗ ମଧ୍ୟ କମିଯାଏ।" ତେବେ **M.S. Dhoni: The Untold Story Gaõ Kabir Singh** ର ସଫଳତା ପରେ କିଆରାଙ୍କ କ୍ୟାରିୟର ନୂଆ ମୋଡ଼ ନେଇଥିଲା। ଏହି ଫିଲ୍ମଗୁଡ଼ିକ ପରେ ସେ ବଲିଉଡରେ ନିଜ ସ୍ଥାନ ସୁଦୃଢ଼ କରିପାରିଥିଲେ। ବର୍ତ୍ତମାନ ସେ **Yashu ij Toxic: A Fairy Tale for Grown-Ups** ରେ ନଜର ଆସିବେ, ଯାହାକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଉଛି।

# ଉଚ୍ଚତା ଯୋଗୁଁ ସୁଯୋଗ ହାତଛଡ଼ା



ଅଭିନେତ୍ରୀ ତଥା ମଡେଲ୍ ପୂଜା ବତ୍ରାଙ୍କ ଉଚ୍ଚତା ବଲିଉଡ୍‌ର ଅଧିକାଂଶ ପୁରୁଷ ତାରକାଙ୍କ ଠାରୁ ଅଧିକ। ସେହି କାରଣରୁ ଅଭିନେତାମାନେ ତାଙ୍କ ସହ ଅଭିନୟ କରିବାକୁ ସଂକୋଚ କରୁଥିଲେ, ଫଳରେ ତାଙ୍କୁ ଅନେକ ଅଭିନୟ ସୁଯୋଗ ହାତଛଡ଼ା କରିବାକୁ ପଡ଼ିଛି। ନିକଟରେ ଏକ ସାକ୍ଷାତ୍‌କାର ଦେଇ ପୂଜା ଏ କଥା ପ୍ରକାଶ କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯେଉଁସବୁ ଚଳଚ୍ଚିତ୍ରରେ କାମ ମିଳୁଥିଲା ସେଥିରେ ମଧ୍ୟ ହିରୋଙ୍କ ତୁଳନାରେ ବାଙ୍ଗରା ଦେଖାଯିବା ପାଇଁ ତାଙ୍କୁ ନଇଁବାକୁ ପଡୁଥିଲା। ପୂଜା ନିଜର ଆଦର୍ଶ ବୋଲି ମାନୁଥିବା ସଂଗୀତା ବିଜଲାନୀ ତାଙ୍କୁ ସତର୍କ କରାଇଦେଇଥିଲେ ଯେ ଉଚ୍ଚତା ଯୋଗୁଁ ଚଳଚ୍ଚିତ୍ରରେ ଟିକିବା ତାଙ୍କ ପାଇଁ ସମ୍ଭବ ନୁହେଁ। ତଥାପି ପୂଜା ମିଳିଥିବା ସବୁ ଚରିତ୍ରରେ ନିଷ୍ଠାର ସହ ଅଭିନୟ କରିଥିଲେ। ତେବେ ଅଧିକ ଡେଙ୍ଗୀ ହୋଇଥିବାରୁ ଅଧିକ ଚଳଚ୍ଚିତ୍ରରେ କାମ ମିଳି ନଥିବା କଥାକୁ ସେ ଏବେ ସ୍ୱୀକାର କରିଛନ୍ତି। ସ୍ମରଣଯୋଗ୍ୟ ଯେ ପୂଜା ୧୯୯୭ ମସିହାର 'ବିରାସତ' ଚଳଚ୍ଚିତ୍ର ଜରିଆରେ ଅଭିନୟ ଆରମ୍ଭ କରିଥିଲେ। ପରେ ସେ 'କୁଛ୍ ଖଟ୍ଟି କୁଛ୍ ମିଠି', 'ଯୋଡ଼ି ନଂ ୧', 'ନାୟକ: ଦି ରିଏଲ ହିରୋ' ଓ 'ତଲାସ: ଦି ହଣ୍ଟ ବିଗିନ୍‌ସ' ପରି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। 'କହିଁ ପ୍ୟାର ନା ହୋ ଯାଏ' ଚଳଚ୍ଚିତ୍ରର ସହ-ଅଭିନେତା ସଲମାନ ଖାଁ ଏକମାତ୍ର ତାରକା ଯିଏ ଅଭିନେତ୍ରୀଙ୍କ ତୁଳନାରେ ବାଙ୍ଗରା ଦିଶିବା ନେଇ ଚିନ୍ତିତ ନ ଥିଲେ ବୋଲି ପୂଜା ପ୍ରକାଶ କରିଛନ୍ତି।

# ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପ୍ରିୟ ମଣିଷ ନିରଞ୍ଜନ ବାରିକ



ଓଡ଼ିଶାର ଶିକ୍ଷା, କଳା, ସାହିତ୍ୟ ଓ ସଂସ୍କୃତିର ପ୍ରିୟ ମଣିଷ ହେଉଛନ୍ତି ନିରଞ୍ଜନ ବାରିକ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିରସ ପଞ୍ଚାୟତର ତମ୍ଭା ଖଣ୍ଡି ଗ୍ରାମରେ ସେ ଜନ୍ମ ଲାଭ କରନ୍ତି। ତାଙ୍କର ପିତା ଅନନ୍ତ ବାରିକ ଓ ମାତା ପଦ୍ମାବତୀ ବାରିକ। ପତ୍ନୀ ସ୍ୱର୍ଣ୍ଣପ୍ରଭା, ପୁଅ ସ୍ୱୟଂ ସ୍ୱରୂପ ଏବଂ ଝିଅ ଶ୍ରଦ୍ଧା ସୁମି ରନ୍ ଙ୍କୁ ନେଇ ଶ୍ରୀ ବାରିକଙ୍କ ସୁଖ ଦୁଃଖର ସଂସାର ରଥ ଆଗେଇ ଚାଲିଛି। ଶ୍ରୀ ବାରିକ୍ ପଦାର୍ଥ ବିଜ୍ଞାନରେ ଏମ୍ ଏସ ସି, ଏମ୍ ଏ ଏଡ୍ ଶିକ୍ଷା ଶେଷ କରିଛନ୍ତି। ବର୍ତ୍ତମାନ ତିହିଡି ବ୍ଲକର ଦକ୍ଷ ପ୍ରଶାସନିକ ଅଧିକାରୀ ତଥା ତିହିଡି ବ୍ଲକ ବି ଡି ଓ ଭାବେ ଶ୍ରୀ ବାରିକ କାର୍ଯ୍ୟ କରୁଛନ୍ତି। ଶିକ୍ଷା, କଳା, ସାହିତ୍ୟ ଓ ସଂସ୍କୃତିର ପ୍ରିୟ ମଣିଷ ଶ୍ରୀ ନିରଞ୍ଜନ ବାରିକ ମଧ୍ୟ ସୁନ୍ଦର କବିତା ଓ ଗଳ୍ପ ଲେଖନ୍ତି। ତାଙ୍କର ଲେଖା ବିଭିନ୍ନ ଉଚ୍ଚ କୋଟିର ପତ୍ର ପତ୍ରିକାରେ ପ୍ରକାଶିତ। ବିଭିନ୍ନ ନାଟକରେ ସେ ସୁନ୍ଦର ଓ ଆକର୍ଷଣୀୟ ଅଭିନୟ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ପ୍ରକାରର ଖେଳରେ ତାଙ୍କର ଦକ୍ଷତା ରହିଛି। ତାଙ୍କର ଭବିଷ୍ୟତ ଲକ୍ଷ୍ୟ ଆମ ସମାଜର ଦୁଃଖୀ ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକ ମାନଙ୍କ ବିକାଶ କରିବା ସହିତ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଗରିବ ଲୋକ ମାନଙ୍କ ପାଖରେ ପହଞ୍ଚାଇବା ସହିତ ବିଭିନ୍ନ ସମସ୍ୟାକୁ ସମାଧାନ କରିବା ହିଁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସାରସ୍ୱତ ଜଗତରେ ତଥା ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ସାହିତ୍ୟିକ ବ୍ୟାସ କବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, ମନୋଜ ଦାସ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ହୃଷୀକେଶ ପଣ୍ଡା ଆଇ ଏ ଏସ, ବୀଣାପାଣି ମହାନ୍ତି ପ୍ରମୁଖ ଙ୍କ ଲେଖାକୁ ଶ୍ରୀ ବାରିକ ପଢନ୍ତି ଓ ଖୁବ୍ ପସନ୍ଦ କରନ୍ତି । ଆମ ସମାଜର ଯୁବ ପିଢ଼ି ମାନଙ୍କୁ ସେ ବାର୍ତ୍ତା ଦିଅନ୍ତି କଠୋର ପରିଶ୍ରମ, ସାଧନା,ନିଷ୍ଠା ଓ ତ୍ୟାଗ ରହିଲେ ପ୍ରତ୍ୟେକ ମଣିଷ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବ। ଶ୍ରୀ ବାରିକ୍ ଙ୍କ ସମସ୍ତ ଆଶା ଓ ସ୍ୱପ୍ନ ପୂରଣ ହେଉ। ଈଶ୍ୱରଙ୍କ କୃପାରୁ ଶ୍ରୀ ବାରିକଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହା ହିଁ କାମନା।


ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ବଲାଙ୍ଗିର ସହରରେ ବୃଦ୍ଧି ପାଉଛି ଟ୍ରାଫିକ ସମସ୍ୟା

ବଲାଙ୍ଗିର, ୧୪/୦୫ (ନି.ପ୍ର): ବଲାଙ୍ଗିର ସହରର ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରୟାସ ସତ୍ତ୍ୱେ, ପରିସ୍ଥିତି ସୁଧୁରିନାହିଁ। ଏହାର ମୁଖ୍ୟ କାରଣ ସ୍ଥାନୀୟ ବ୍ୟବସାୟୀଙ୍କ ମନମାନି ବୋଲି ବିଶ୍ୱାସ କରାଯାଉଛି। ସେମାନେ ସେମାନଙ୍କ ଦୋକାନ ଏବଂ ଷ୍ଟଲ ବାହାରେ ପାର୍କିଂ ସ୍ଥାନଗୁଡ଼ିକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବରେ ବ୍ୟବହାର କରୁଛନ୍ତି। ସେମାନେ ଦୋକାନ ଭିତରେ ଉପଲବ୍ଧ ଜିନିଷ ଅପେକ୍ଷା ରାସ୍ତାରେ ଅଧିକ ଜିନିଷ ପ୍ରଦର୍ଶନ କରନ୍ତି। ଫଳସ୍ୱରୂପ, ଗ୍ରାହକମାନେ ପାର୍କିଂ ସ୍ଥାନ ପାଇବାରେ କଷ୍ଟକର ହେଉଛନ୍ତି ଏବଂ ରାସ୍ତାରେ ସେମାନଙ୍କର ଯାନବାହନ ରଖିବାକୁ ବାଧ ହେଉଛନ୍ତି। ସକାଳୁ ସକାଳୁ, ସମଲେଶ୍ୱରୀ ମନ୍ଦିର ଛକରୁ ଦୈନିକ ବଜାର ପର୍ଯ୍ୟନ୍ତ ଦୋକାନ ସମ୍ମୁଖରେ ବଡ଼ ବଡ଼ ଯାନବାହନ ପାର୍କିଂ ହୋଇ ସମଗ୍ର ରାସ୍ତାକୁ ଅବରୋଧ କରିଦିଏ। ଫଳସ୍ୱରୂପ, ସାରା ସହରରେ ଟ୍ରାଫିକ ଜାମ୍ ଲାଗିରହିଥାଏ। ଏହି ମାମଲାରେ ପୋଲିସ ବ୍ୟବସାୟୀଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି।

ଏହି ମାମଲାରେ ପୋଲିସ ବ୍ୟବସାୟୀଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏହି ମାମଲାରେ ପୋଲିସ ମଧ ବ୍ୟବସାୟୀଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଅଭିଯୋଗ ହେଉଛି। ବଲାଙ୍ଗିର ସହର ଯେତେ ସଂଗଠିତ ଦେଖାଯାଉଛି, ଏହା ସମାନ ଭାବରେ ସମସ୍ୟାରେ ପରିପୂର୍ଣ୍ଣ। ଟ୍ରାଫିକ ଜାମ୍ ସହରର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ ହୋଇ ଗଲାଣି। ଦୈନିକ ବଜାର, ପୁରୁଣା ସରକାରୀ ବସ୍ ଷ୍ଟାଣ୍ଡ ନିକଟବର୍ତ୍ତୀ ବଜାର ଏବଂ ଗୋପାଳଜୀ ମନ୍ଦିର ରୋଡ୍ ଭଳି ଅଞ୍ଚଳଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଛି। ସୂଚନା ଅନୁଯାୟୀ, କିଛି ବର୍ଷ ପୂର୍ବେ, କଚାରି ଛକରୁ ପାଟନା ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତାରେ ପର୍ଯ୍ୟାପ୍ତ ଯୋଜନା ବିନା ଏକ ଡିଭାଇଡର୍ ନିର୍ମାଣ କରାଯାଇଥିଲା। ରାସ୍ତାଟି ପୂର୍ବରୁ ସଂକୀର୍ଣ୍ଣ ଥିଲା, ଏବଂ ଡିଭାଇଡର୍ ଏହାକୁ ଆହୁରି ସଂକୀର୍ଣ୍ଣ କରିଦେଇଥିଲା, ଏବଂ ଟ୍ରାଫିକ୍ ଭିଡ଼ ବୃଦ୍ଧି ପାଇଥିଲା। ଲୋକମାନେ କହିଛନ୍ତି ଯେ ଜବରଦଖଲ ହଟାଇବା ବିନା ନିର୍ମାଣ କରାଯାଇଥିଲା, ଏବଂ ଜନସାଧାରଣ ଏହାର ପରିଣାମ ଭୋଗୁଛନ୍ତି।

## ଜବ୍‌କାର୍ଡ଼ଧାରୀ ପାଉନାହାଁନ୍ତି କାମ, ଜେସିବି ତାଡୁଛି ମାଟି

କେନ୍ଦ୍ରାପଡ଼ା, ୧୪/୦୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ଠିକା କାମରେ ପଂଚାୟତ ଅଂଚଳରେ ଜବ୍‌କାର୍ଡ଼ଧାରୀମାନଙ୍କୁ କାମ ଦେବାର ନିୟମ ଥିବାବେଳେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାନମାଣତିଆ ପଂଚାୟତରେ ଜବ୍‌କାର୍ଡ଼ଧାରୀମାନଙ୍କୁ କାମ ନଦେଇ ମେସିନ୍ ସାହାଯ୍ୟରେ କାମ କରୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଜବ୍‌କାର୍ଡ଼ଧାରୀମାନଙ୍କୁ କାମ ଦିଆନଯାଇ ବଳ ପୂର୍ବକ ମେସିନ୍ ସାହାଯ୍ୟରେ ଠିକାଦାର ଜଣକ କାମ କରୁଥିବାରୁ ପଂଚାୟତରେ ଥିବା ଜବ୍‌କାର୍ଡ଼ଧାରୀମାନେ କାମ ନପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜେସିବି ମେସିନ୍ ହଟାଇ ଜବ୍‌କାର୍ଡ଼ଧାରୀମାନଙ୍କୁ କାମ ଦେବାକୁ ପ୍ରଦୀପ କୁମାର ମଳିକ, ରମାକାନ୍ତ ଥାଟୋଇ, ସଚ୍ଚିଦାନନ୍ଦ ଥାଟୋଇ, ସୌଦାମିନି ରାଉତ, ପ୍ରମୋଦ କୁମାର ମଳିକ, ଅନୀତା ମଳିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି।

# ବୀମା ଓ ବୈଧ ଫିଟନେସ ନ ଥାଇ ଚାଲିଛି ମାଲମାଲ ଅଟୋ: ଆରଟିଓଙ୍କ କାର୍ଯ୍ୟାନୁଷ୍ଠାନ କେବେ ?

ଜୟପୁର , ୧୪/୦୫ (ନି.ପ୍ର): କୋରାପୁଟ ଜିଲ୍ଲାରେ ଫିଟନେସ, ଇନ୍ସୁରାନ୍ସ ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ । ଛାତ୍ରଛାତ୍ରୀ ଏବଂ ଯାତ୍ରୀଙ୍କ ସୁରକ୍ଷା _ତି ଅବହେଳା କରି ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଅଟୋ ଚାଲଛି । ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ର ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି । ଅଧିକାଂଶ ଡ୍ରାଇଭର ଙ୍କ ଲାଇସେନ୍ସ ନାହିଁ । ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି । ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ର ଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି । ସେହିପରି କୋରାପୁଟ ଜିଲାର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି । ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ ଲୋକ ନିଜ ଜିନିଷପତ୍ର ସହ ବିଦପୂର୍ଣ୍ଣ ଭାବେ ଯାଉଛନ୍ତି । ଅଟୋ ଗୁଡିକର ଫିଟନେସ, ଇନ୍ସରାନ୍ସ, ପଲ୍ୟୁସନ ନ ଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି । ଅଟୋ ଚାଲକର ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୂର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଦୂର୍ଘଟଣାରେ ମୃତାହତଙ୍କୁ ଇନ୍ସୁରାନ୍ସ ବାବଦ ଅର୍ଥ ମିଳୁନାହିଁ । ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନ କାରୀଙ୍କ ବିରୋଧରେ କଠୋର କାଯ୍ୟାନୁଷ୍ଠାନ ଗ୍ରହମ କରିବାକୁ ଦାବି ହୋଇଛି । ସଡକରେ ଅନ୍ୟ ବ୍ୟବହାରୀଙ୍କ ।ଇଁ ବିଦ ସାଜିଥିବା ଏଭଳି ଗାଡି ଗୁଡିକର ଞ୍ଜି କରଣ ସାର୍ଟିଫିକେଟ ରଦ୍ଦ ପାଇଁ ପଦକ୍ଷେ ନିଆଯିବ ଫିଟ୍ନେସ ନଥିଲେ ଗାଡି ସିଜ୍ ହେବ ।କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଗାଡି ଜବତ୍ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ନିୟମ ରହିଛି । ବୈଧ ଫିଟନେସ ଓ ଞ୍ଜିକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡି ଦୂର୍ଘଟଣାଗସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ ପ୍ରଦାନ କରିବାର ନିୟମ ନାହିଁ ତେଣୁ ସଡକ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଙ୍ଘନକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା କିନ୍ତୁ ତାହା ପାଳନ କରାଯାଉ ନାହିଁ । ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ ଓ ଅନ୍ୟାନ୍ୟ ଗାଡି କ୍ଷେତ୍ରରେ ଆହୁରି ଅଧିକ କଠୋରତାର ସହ ପଦକ୍ଷେ ନେବା ପାଇ ସାଧାରଣ ରେ ଦାବି ହୋଉଛି ।

# ଠିକା ଟଙ୍କା ନ ମିଳିବାରୁ ସ୍ଥାୟୀ ଲୋକ ଅଦାଲତରେ ଦ୍ୱାରସ୍ଥ: ପୂର୍ବରୁ କରିଥିଲେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ

ଜୟପୁର, ୧୪/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବୋରିଗୁମ୍ମା ବ୍ଲକର ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ମହାତ୍ମଗାନ୍ଧୀ ଗ୍ରାମ୍ୟ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି (ଏମଏସଆରଇଜିଏ) ମାଧ୍ୟମରେ ୬ଟି ବିଦ୍ୟାଳୟରେ ୫-ଟି ଯୋଜନା ମାଧ୍ୟମରେ ନିର୍ମାଣ କାର୍ଯ୍ୟ କରିଥିଲେ । କିନ୍ତୁ ଦୀର୍ଘ ବର୍ଷ ଠିକା ବାବଦକୁ ଟଙ୍କା ନ ମିଳିବାରୁ ପୀଡିତ ପୂର୍ବତନ ବେଣାସୁର ସରପଞ୍ଚ ଜୟପୁର ସ୍ଥିତ ସ୍ଥାୟୀ ଲୋକଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ ଏଥିନେଇ ସେ ଜିଲ୍ଲାପାଳ, ବିଡିଓ, ବ୍ଲକ ସରକାରୀ ନିର୍ବାହୀ ଯନ୍ତ୍ରୀ, ତତ୍କାଳିନ କନିଷ୍ଠ ଯନ୍ତ୍ରୀ ଏବଂ ୩ଜଣ ଭେଣ୍ଡରଙ୍କ ବିରୋଧରେ ଜୟପୁର ସ୍ଥିତ ଆଇନସେବା ପ୍ରାଧିକରଣ ଧାରା ଅନୁଯାୟୀ ସ୍ଥାୟୀ ଲୋକ ଅଦାଲତରେ ଏକ ଅଭିଯୋଗପତ୍ର ଦାଖଲ ସହିତ ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶଯେ, ଗତ ୩ ବର୍ଷ ପୂର୍ବେ ବୋରିଗୁମ୍ମା ବ୍ଲକ ବେଣାସୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନୀର ତ୍ରିପାଠୀ ୫-ଟି ଯୋଜନାରେ ବୋରିଗୁମ୍ମା ବ୍ଲକ ଅଧିନସ୍ଥ ୬ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରିଥିଲେ । ଏହାପରେ ନିର୍ମାଣ କାର୍ଯ୍ୟ କରିଥିବା ବାବଦକୁ ବିଲ୍ ପ୍ରସ୍ତୁତ କରିବା ସହିତ ଖର୍ଚ୍ଚ ହୋଇଥିବା ଟଙ୍କା ପ୍ରଦାନ କରିବାକୁ ଉକ୍ତ ଦାୟୀତ୍ୱରେ ରହିଥିବା ତତ୍କାଳିନ ବୋରିଗୁମ୍ମା ବ୍ଲକର କନିଷ୍ଠ ଯନ୍ତ୍ରୀ ତଥା ବର୍ତ୍ତମାନ ସେମିଳିଗୁଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗୁହାରୀ କରିଥିଲେ । କିନ୍ତୁ ଏଥିନେଇ ଉକ୍ତ କନିଷ୍ଠ ଯନ୍ତ୍ରୀ ୨୭ ପ୍ରତିଶତ ପି.ସି ବାବଦକୁ ଟଙ୍କା ଦାବି କରିଥିଲେ କିନ୍ତୁ ସେ ଏତେ ଟଙ୍କା ପ୍ରଦାନ କରିବାକୁ ଅସମର୍ଥ ବୋଲି ଗୁହାରୀ କରିବାରୁ , ଉକ୍ତ ଯନ୍ତ୍ରୀ କର୍ଣ୍ଣପାତ କରିଥିଲେ । ଏହିପରି ଉକ୍ତ ଟଙ୍କା ନିର୍ମାଣ କାର୍ଯ୍ୟ ପାଇଁ ସାମଗ୍ରୀ ପ୍ରଦାନ କରିଥିବା ୩ଟି ଭେଣ୍ଡରଙ୍କୁ ପ୍ରଦାନ କରାଯିବ ବୋଲି ପାଲଟା ଚେତାବନୀ ଦେଇଥିଲେ । ଶେଷରେ ପୀଡିତ ଶ୍ରୀ ତ୍ରିପାଠୀ ୧୨ ପ୍ରତିଶତ ପି.ସି ଦେବାକୁ ରାଜି ହୋଇଥିଲେ, କିନ୍ତୁ ଉକ୍ତ କନଷ୍ଠ ଯନ୍ତ୍ରୀ ଏଥରି ସହମତି ହୋଇନଥିଲେ ଏବଂ ୨୭ ପ୍ରତିଶତ ପି.ସି ଦେବାକୁ ଜିଦ୍ କରିଥିଲେ । କିନ୍ତୁ ଶେଷରେ ନିରୁପାୟ ହୋଇ ନ୍ୟାୟ ଆଶାରେ ସ୍ଥାୟୀ ଲୋକଅଦାଲତର ଦ୍ୱାରସ୍ତ ହୋଇଛନ୍ତି । ଯଦି ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହୁଏ ଆଗାମୀ ଦିନରେ ତାଙ୍କ ଠକେଇ କରିଥିବା ନେଇ ଅଭିଯୋଗରେ ଏକ ଫୌଜଦାରୀ ମାମଲା ଦାଖଲ କରିବା ସହିତ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହେବେ ବୋଲି ପୀଡିତଙ୍କ ଓକିଲ ଲାଲମୋହନ ଷଡଙ୍ଗୀ ସୂଚନା ଦେଇଛନ୍ତି । ଏହିପରି ନିଜର ନୀଳଗିରି ଗଛ ବିକ୍ରି କରିବା ସହିତ ଉକ୍ତ ଟଙ୍କା ଉକ୍ତ ୬ଟି ବିଦ୍ୟାଳୟର ୫-ଟି ଯୋଜନାରେ ନିର୍ମାଣ କରିଥିବା ଯୋଗୁଁ ସେ ଆର୍ଥିକ ଦୁର୍ବଳ ହୋଇଯାଇଥିବା ବେଳେ ସେ ବର୍ତ୍ତମାନ ବୃଦ୍ଧଅବସ୍ଥାରେ ରହିଛନ୍ତି । ତେଣୁ ସେ ନିରାଶ ହୋଇ ଗତ ଏକ ମାସ ପୂର୍ବରୁ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ଏବଂ ସର୍ବଚ୍ଚୋ ନ୍ୟାୟଳୟ ନିକଟରେ ଇଚ୍ଛାମୃତ ପାଇଁ ମଧା ପୀଡିତ ଶ୍ରୀ ତ୍ରିପାଠୀ ଆବେଦନ କରିବା ନେଇ ପୀଡିତ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ।

## ହୋଟେଲ୍ ଓ ଜଳଖିଆ ଦୋକାନରେ ବଢୁଛି ଘରୋଇ ଗ୍ୟାସର ବ୍ୟବହାର

ଜୟପୁର, ୧୪/୦୫ (ନି.ପ୍ର): ରାଜ୍ୟରେ ରନ୍ଧନ ଗ୍ୟାସର ଘୋର ଅଭାବ ଯୋଗୁ ସାଧାରଣ ଉପଭୋକ୍ତ ମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ଅପରପକ୍ଷରେ କୋରାପୁଟ ଜିଲା ଜୟପୁର, ବୈପାରିଗୁଡା ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା ସହର ବଜାରର ରାସ୍ତାକଡରେ ଥିବା ଉଠା ଜଳଖିଆ ଦୋକାନ, ହୋଟେଲ୍, ବିବାହ ମଣ୍ଡପ ଗୁଡିକରେ ଘରୋଇ ଗ୍ୟାସ ବ୍ୟାପକ ବ୍ୟବହାର କରଯାଉଛି । ଏଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି । ଅପରପକ୍ଷରେ ଗ୍ୟାସ ଡିପୋରେ ଗ୍ୟାସ ସିଲିଣ୍ଡର ମହଜୁତ ନଥିବାରୁ ଉପଭୋକ୍ତାମାନଙ୍କର ଲମ୍ବା ଧାଡି ଲାଗୁଛି ।ରାଜ୍ୟସରକାର ଗ୍ୟାସର କଳାବଜାରିକୁ ରୋକିବାରେ ବିଫଳ ହୋଇଛନ୍ତି । ସହର ଅଥବା ଗ୍ରାମାଂଚଳରେ ଥିବା ମଣ୍ଡପ ଗୁଡିକରେ ଏକାଧିକ ଘରୋଇ ଗ୍ୟାସ ସିଲିଣ୍ଡର ବିବାହ ଭୋଜିରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ ଯୋଗାଣ ବିଭାଗ ଜାଣି ଅଜଣାର ରହୁଥିବା ଲକ୍ଷ୍ୟ କରାଯାଇଛି ।

# ଗରିବ ମେଧାବୀ ଛାତ୍ରୀଙ୍କ ପାଠ ପଢା ପାଇଁ ଆଗକୁ ଆସିଲା ଉତ୍କଳ ସମ୍ବାଦିକ ସଂଘ

ମାଲକାନଗିରି, ୧୪/୦୫ (ନି.ପ୍ର): ସମାଜ ର ବିଭିନ୍ନ ସମସ୍ୟାକୁ ଲୋକ ଲୋଚନକୁ ଆଣିବା ସହ ସମାଜ ସେବା ମୂଳକ କାର୍ଯ୍ୟ କରିବା ସାମ୍ବାଦିକଙ୍କ ଦାୟିତ୍ୱ। ଏହି ଉକ୍ତି କୁ ସତ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ। ଆଜି ଏହି ସାମ୍ବାଦିକ ସଂଘ କ୍ଷରୁ ଜିଲ୍ଲାର ଜଣେ ଗରିବ ଓ ମେଧାବୀ ଛାତ୍ରୀଙ୍କୁ ଆଗକୁ ପଢ଼ିବା ପାଇଁ ସହାୟତାର ହାତ ବଢ଼ା ଯାଇଛି। କାଦୁଅରେ ପଦ୍ମ ଫୁଟିବା ଭଳି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପଲ୍ଲୀ ପଂଚାୟତର ଏମପିଭି ୮ ଗ୍ରାମର ଚାନ୍ଦିନୀ ବାକଚୀ ଚଳିତ ବର୍ଷ ଦଶମ ପରୀକ୍ଷାରେ ଏ ୧ ଗ୍ରେଡ ହାସଲ କରିଥିଲେ। ମାଲକାନଗିରି ଜିଲ୍ଲା ବ୍ୟାପୀ ବିଭିନ୍ନ ସ୍ଥାନରୁ ମୋଟ ୨୨ ଜଣ ଛାତ୍ରଛାତ୍ରୀ ଏ ୧ ଗ୍ରେଡ ହାସଲ କରିଥିବା ବେଳେ ଚାନ୍ଦିନୀ ଏହି ତାଲିକାରେ ସ୍ଥାନ ପାଇଥିଲେ। ତେବେ ଚାନ୍ଦିନୀଙ୍କ କାହାଣି ନିଆରା ଓ ସଂଘର୍ଷମୟ। ଗରିବ ପରିବାରରେ ରହି ପ୍ରତିକୂଳ ପରିସ୍ଥିତିରେ ବି ନିଷ୍ଠା ଓ ଏକାଗ୍ରତାର ସହ ପାଠ ପଢି ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଥିଲେ ଚାନ୍ଦିନୀ। ଏଥିରେ ୯୧ ପ୍ରତିଶତ ନମ୍ବର ରଖି ଚାନ୍ଦିନୀ ସଫଳତା ହାସଲ କରିଥିଲେ ସତ ହେଲେ ତାଙ୍କର ଏହି ସଫଳତା ଦେଖିବା ଆଗରୁ ବାପା ସମୀର ଆର ପାରିକୁ ଚାଲି ଯାଇଥିଲେ। କର୍କଟ ରୋଗରେ ପୀଡ଼ିତ ସମିରଙ୍କ ସେବା ଓ ଚିକିତ୍ସା ରେ ପରିବାର ସର୍ବସ୍ୱାନ୍ତ ହୋଇଥିଲା। ଚାନ୍ଦିନୀଙ୍କ ସଫଳତା ପରିବାର ପାଇଁ ଖୁସି ଆଣିଥିଲେ ମଧ ବାପାଙ୍କ ମୃତ୍ୟୁ ଓ ପରିବାର ସ୍ଥିତି ଆଗରେ ଏହି ଖୁସି ସତେ ଯେମିତି ମଉଳି ଯାଇଥିଲା। ଏପରି ସ୍ଥିତିରେ ଦୁଇ ଓଳା ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଥିବା ଏହି ପରିବାର, ମେଧାବୀ ଚାନ୍ଦିନୀ ଙ୍କ ପାଠ ପଢ଼ା ପାଇଁ ଅର୍ଥ ଯୋଗାଡ କରିବାରେ ଅକ୍ଷମ ହୋଇ ପଡ଼ିଥିଲା। ଫଳରେ ଜଣେ ମେଧାବୀ ଛାତ୍ରୀଙ୍କ ଲକ୍ଷ ଓ ସଫଳତାର ଯାତ୍ରା ଉପରେ ରୋକ୍ ଲାଗିବା ଭଳି ସ୍ଥିତି ଉପୁଜିଥିଲା। ଏଭଳି ପ୍ରତିକୂଳ ପରିସ୍ଥିତିରେ ଚାନ୍ଦିନୀଙ୍କ ପ୍ରେରଣାଦାୟୀ ଯାତ୍ରାକୁ ସୁଗମ କରିବା ନିମନ୍ତେ ଆଗକୁ ଆସିଛି ମାଲକାନଗିରି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘ। ଚାନ୍ଦିନୀଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ସହ ସମସ୍ତ _କାରର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘର ସଦସ୍ୟ ମାନେ। ଏଥିପାଇଁ ଆଜି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, ଉ ସଭାପତି ପ୍ରଶାନ୍ତ ସାହୁ ଓ କାଲିମେଳା ବ୍ଲକ ସଭାପତି ଟି ସତ୍ୟନାରାୟଣ ସୁବୁଦ୍ଧିଙ୍କ ନେତୃତ୍ୱରେ ସଂଘର ଅନେକ ସଦସ୍ୟ ଏମଭି ୮ ଗ୍ରାମରେ ପହଂଚି ଚାନ୍ଦିନୀ ବାକଚୀ ଓ ତାଙ୍କ ପରିବାର ଲୋକଙ୍କୁ ଭେଟିବା ସହ ପ୍ରାଥମିକ ପର୍ଯ୍ୟାୟରେ ସଂଘ ପକ୍ଷ୍ୟରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଥିଲେ। ଏହା ସହ ସେ ଆଗକୁ ଯୁକ୍ତ ଦୁଇ ବିଜ୍ଞାନରେ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଏନେଇ ମଧ ତାଙ୍କୁ ସହଯୋଗ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହା ସହ ତାଙ୍କ ପରିବାର ପାଇଁ ସରକାରୀ ସ୍ତରରେ ସହାୟତା ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଛି। ଏହି ଅବସରରେ ସଂଘର ସଦସ୍ୟ ବିଦ୍ୟୁତ୍ ବୈରାଗୀ, ଶିବବ୍ରତ ଦାଶ,ସୌରଭ ମଣ୍ଡଳ, ଉତ୍ତମ ସରକାର , ସୁଧାଂଶୁ ମହାନ୍ତି, ରାଜେଶ୍ ବେପାରୀ ପ୍ରମୁଖ ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବ୍ଲକ୍ ସ୍ତରୀୟ ମେଧା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବଲାଙ୍ଗିର, ୧୪/୦୫ (ନି.ପ୍ର): ଗୁଡଭେଲା ବ୍ଲକ୍ ସ୍ତରୀୟ ମେଧା ସମ୍ବର୍ଦ୍ଧନା ସଭା ବିଇଓ ଗୁଡଭେଲାଙ୍କ କାର୍ଯ୍ୟାଳୟରେ ବିଇଓ ନମିତା ରାଣୀ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାବର୍ଷ ୨୦୨୫-୨୬ ମାଟ୍ରିକ ବୋର୍ଡ ପରୀକ୍ଷାରେ ବ୍ଲକ୍ ରେ ସର୍ବୋଚ୍ଚ ନମ୍ବର ୫୪୦ ମାର୍କ ୯୦% ରଖି ଏ-୧ ପାଇ ବ୍ଲକ ପାଇଁ ଗୌରବ ଆଣି ଦେଇଥିବା ଦେମୁହାଣ ସ୍ୱସ୍ତି ବିଦ୍ୟାପୀଠର ଛାତ୍ର ଅଭିଷେକ ବଢେଇଙ୍କୁ ବିଇଓ ଶ୍ରୀମତୀ ଭୋଇ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଓ ବିପିନ ବାଗ, ବ୍ଲକ୍ କର୍ମଚାରୀ ରମା ମହାପାତ୍ର ଓ ପଞ୍ଚାନନ ରଣା ତଥା ପ୍ରଧାନ ଶିକ୍ଷକ ରୁଦ୍ର ହେର୍ଣ୍ଡା ଓ ବିଜ୍ଞାନ ଶିକ୍ଷକ ହୃଷିକେଶ ମେହେର ଉପସ୍ଥିତ ଥିଲେ।

# ମା'ର ପଣତକାନି ବ୍ରହ୍ମାଣ୍ଡର ସବୁଠାରୁ ନିର୍ଭୟ ଓ ନିରାପଦ ଆଶ୍ରୟସ୍ଥଳ

ପୁରୀ, ୧୪/୦୫ (ନି.ପ୍ର): ମା'ର ପଣତ କାନି ବ୍ରହ୍ମାଣ୍ଡର ସବୁଠାରୁ ନିର୍ଭୟ ଓ ନିରାପଦ ଆଶ୍ରୟସ୍ଥଳ ବୋଲି ଅନ୍ନପୂର୍ଣ୍ଣା ରଙ୍ଗମଂଚରେ ଅନୁଷ୍ଠିତ ମାତୃ ଦିବସ ଅବସରରେ ଆୟୋଜିତ ପଣତକାନି ଉତ୍ସବ ରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମାଆ ଅଫୁରନ୍ତ ସ୍ନେହ ଓ ପ୍ରେମର ଉତ୍ସ । ଆଧୁନିକତାର ଚାପରେ ମାଆ ଓ ବୋଉ ଶବ୍ଦ ହଜିଯିବାକୁ ବସିଲାଣି। ମାତ୍ର କ୍ଷୁଦ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥ ଏବଂ ପରିବାରରେ ବିଭାଜନ ଯୋଗୁଁ ସଂପ୍ରତି ମାତୃଜାତି ଆଜି ବିପଦରେ ପଡ଼ିଛି ଓ ବୃଦ୍ଧା ଶ୍ରମ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏଥିପାଇଁ ସବୁ ସ୍ତରରେ ସଚେତନତା ସୃଷ୍ଟି ଉପରେ ଅତିଥିମାନେ କହିଛନ୍ତି।। ସମାଜସେବୀ ସ୍ୱର୍ଗତା କୁନ୍ତଳା ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ଏହି ଉତ୍ସବକୁ ସ୍ୱେଚ୍ଛାସେବୀ ସଂଗଠନ ଦି ବେଲ୍ ଓ ଦି ମିରର୍ ଆୟୋଜନ କରିଥିଲେ। କ୍ଷେତ୍ରମୋହନ ଫାଉଣ୍ଡେସନ ଓ କଳିଙ୍ଗ ସ୍ମାର୍ଟ ସ୍କୁଲ୍ ଏଥିରେ ସହାୟତା ପ୍ରଦାନ କରିଥିଲେ। ଉତ୍ସବରେ ଆଇନଜୀବୀ ଦିଗମ୍ବର ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗଦେଇ ଇଣ୍ଡିଆନ ମାଷ୍ଟର ସେଫ୍ ରନର୍ସ ଅପ୍ ସମ୍ମାନ ରେ ସମ୍ମାନୀତ ବିଶିଷ୍ଟ ସମାଜସେବୀ ଅଞ୍ଜୁ ପ୍ରଧାନ କହିଥିଲେ ଯେ ଓଡ଼ିଆ ସଂସ୍କୃତି ରେ ବୋଉ ଡାକ ଏକ ମହନୀୟ ଶବ୍ଦ। ଆଧୁନିକତାର ଚାପରେ ମାଆ ଓ ବୋଉ ଶବ୍ଦ ହଜିଯିବାକୁ ବସିଲାଣି ।ଏହି ସାଂସ୍କୃତିକ ଓ ସାମାଜିକ ଅବକ୍ଷୟ ବିରୋଧରେ ସବୁ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଓଡ଼ିଆ ଭାଷା, ସାହିତ୍ୟ ଗବେଷିକା ଡକ୍ଟର ମନସା ଶ୍ରୀଚନ୍ଦନ ରାୟ। ମଣିଷର ଆଦ୍ୟ ସ୍ୱର ମା,ଆଦ୍ୟ ଭାଷା ଭାଷା,ପ୍ରିୟ ଭାଷା ମା । ମା'ର ବିକଳ୍ପ ନାହିଁ। ମା'ର ପଣତ କାନି ବ୍ରହ୍ମାଣ୍ଡର ସବୁଠାରୁ ନିର୍ଭୟ ଓ ନିରାପଦ ଆଶ୍ରୟସ୍ଥଳ। ଜିଲ୍ଲା ଶିଶୁ ମଙ୍ଗଳ କମିଟି ର ପୂର୍ବତନ ଅଧକ୍ଷ ଦିବେଲ୍ ର ଅଧକ୍ଷ ସିଦ୍ଧାର୍ଥ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଦି ମିରର୍ ସଭାପତି ସମାଜସେବୀ ଲାୟନ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ,ଶିଶୁ ସାହିତ୍ୟିକ ସୁକାନ୍ତ କୁମାର ପଣ୍ଡା, ସମିତି ସଭ୍ୟ ପ୍ରଦୀପ୍ତ ଭାନୁ ଘଟୁଆରୀ ନିଜର ଅଭିମତ ପ୍ରଦାନ କରିଥିଲେ ।ବରିଷ୍ଠ ନାରୀନେତ୍ରୀ କଲ୍ୟାଣୀ ଘଟୁଆରୀ, ଶଶୀମଣି ଦେବୀ, ଜେମା ସ୍ୱାଇଁ ଓ ନଳିନୀ ସାହୁ ମଂଚାସୀନ ଥିଲେ ।ଏହି ଅବସରରେ ଶତାୟୁ ମହିଳା ଶଶୀମଣି ଦେବୀ,ଜେମା ସ୍ୱାଇଁ ଙ୍କୁ ପଣତକାନି ସମ୍ମାନ ରେ ସମ୍ମାନୀତ କରାଯାଇଛି । ସୁଭଦ୍ରା ମହିଳା ମହାସଂଘ,ସମଙ୍ଗ, କାଶୀ ହରିପୁର, ବୀରହରେକୃଷ୍ଣ ପୁର, ଗୋପିନାଥପୁର, ବେଲଦଳ, ସମଗରା ପଂଚାୟତ ସ୍ତରୀୟ ମହିଳା ମହାସଂଘ ଓ ଗୋପାଳ ଜୀଉ ମହିଳା ମହାସଂଘ କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ମହିଳାଙ୍କ ମଧ୍ୟରେ ହୁଳହୁଳି, କାନ୍ଦଣା, ଝୋଟି, ମ୍ୟୁଜିକ ଚେୟାର, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନେକ ଛୋଟ ଛୋଟ ପିଲାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଭା ଆରମ୍ଭରେ କ୍ଷେତ୍ରମୋହନ ଫାଉଣ୍ଡେସନ ପୂର୍ବତନ ଅଧକ୍ଷା ସ୍ୱର୍ଗତା କୁନ୍ତଳା ପ୍ରଧାନଙ୍କ ସ୍ମୃତିରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କ୍ଷେତ୍ରମୋହନ ଫାଉଣ୍ଡେସନ ଅଧକ୍ଷ ପ୍ରଦୀପ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ ସ୍ମାର୍ଟ ସ୍କୁଲ୍ ପ୍ରିନ୍ସପାଲ ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ସନ୍ଧ୍ୟାରାଣୀ ବାରିକ, ବିପିନ ଭୋଇ, ଲିପ୍ସା ମହାନ୍ତି, ମନ୍ଦାକିନୀ ପରିଡା, ଶୁଭସ୍ମିତା ପ୍ରଧାନ, ଦେବେନ୍ଦ୍ର କୁମାର ପ୍ରଧାନ, ଅନିଲ କୁମାର ସାହୁ, ବନୀତା ଦୀକ୍ଷିତ, ରାଜଲକ୍ଷ୍ମୀ ଦାସ, ସବିତା ଶ୍ରୀଚନ୍ଦନ, ଓମ ପ୍ରମୁଖ ସହଯୋଗ କରିଥିଲେ ।

# ସର୍ଟ ସର୍କିଟ ଯୋଗୁଁ ଜଳିଗଲା ସରକାରୀ ଓଜନ କଂଟାର କଂଟିନର

ଚମ୍ପୁଆ, ୧୪/୦୫ (ନି.ପ୍ର): ସର୍ଟ ସର୍କିଟ ଯୋଗୁଁ ଜଳି ପଡ଼ି ପାଉଁସ ହୋଇଗଲା ସରକାରୀ ଓଜନ କଂଟାର କଂଟିନର। କଂଟିନରରେ ଦୀର୍ଘ ବର୍ଷରୁ ଥିବା ଟିପି ଓ ଚାଲାଣ ସବୁ ଜଳି ପଡ଼ି ଛାରଖାର ହୋଇଯାଇଛି। ରାସ୍ତା ସମ୍ପୂର୍ଣ୍ଣ ଟ୍ରାଫିକ ଜାମ ଥିବା ହେତୁ ସଠିକ ସମୟରେ ପହଂଚି ପାରିନଥିଲା ଦମକଳ ବାହିନୀ। ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ କାଳିମାଟି ଠାରେ ଥିବା ସରକାରୀ ଓଜନ କଂଟାରେ କର୍ମଚାରୀ ମାନେ ହଠାତ୍ ଧୂଆଁ ଉଠିବାର ଦୃଶ୍ୟ ଦେଖିବାକୁ ପାଇଥିଲେ। ଫଳରେ ପାଖରେ ଥିବା ଆର୍ସେଲର ମିତଲ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଫୋନ୍ କରି ଦମକଳ ବାହିନୀଙ୍କୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ସଙ୍ଗେ ସଙ୍ଗେ କମ୍ପାନୀ ଦମକଳ ବାହୀନି ଗାଡ଼ି ଟିକୁ ପଠେଇ ଥିଲେ ମଧ ରାସ୍ତା ସମ୍ପୂର୍ଣ୍ଣ ଟ୍ରାଫିକ ଜାମ ଥିବା ହେତୁ ସଠିକ ସମୟରେ ପହଂଚି ପାରିନଥିଲା। ଫଳରେ ଘଟଣାସ୍ଥଳରେ ନିଆଁ ଲିଭା ଗାଡ଼ି ପହଂଚିବା ବେଳକୁ ସମସ୍ତ କାଗଜପତ୍ର ଅଧାରୁ ଅଧିକାଂଶ ଜଳି ଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏଭଳି ପରିସ୍ଥିତି ଆଗରୁ ମଧ ଅନେକ ବର୍ଷ ପୂର୍ବେ ହୋଇଥିବାରୁ ସେମାନେ ଖଣି ବିଭାଗକୁ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇଥିବା କଂଟିନାରରେ ଏମ୍ ସି ଭି ସୁଇଚ ଲଗାଯାଇନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଜଣାପଡିଛି। ଏଣୁ ଏଭଳି ଖାମଖିଆଲି ନୀତି ଯୋଗୁଁ ଆଜି ଦୀର୍ଘ ବର୍ଷରୁ ଥିବା ଟିପି ଓ ଚାଲାଣ ସବୁ ଜଳି ପଡ଼ି ପାଉଁସ ହୋଇ ଯାଇଛି। ସରକାରୀ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## କଟକ ଡିଜି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର, ୧୪/୦୫ (ନି.ପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଗୁରୁବାର କଟକରେ ଡିଜି ଅଫିସ୍ ସାମ୍ନାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାରରେ ହିଂସା ବଢୁଛି, ଦେଶରେ ଓଡ଼ିଶା ଲଜ୍ଜିତ ହେଉଛି। ଡବଲ୍ ଇଞ୍ଜିନ ସରକାର ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ବାଲିଅନ୍ତାଠାରୁ ନୟାଗଡ଼ ପର୍ଯ୍ୟନ୍ତ ପ୍ରତିଦିନ ହତ୍ୟା, ଲୁଟ୍ ତରାଜ ଓ ନାରୀ ନିର୍ଯାତନା ଭଳି ଜଘନ୍ୟ କାଣ୍ଡ ଘଟିଚାଲିଛି। ଏହାକୁ ନେଇ ଶାନ୍ତିପ୍ରିୟ ଓଡ଼ିଶାକୁ ଅପରାଧର ଗଡ଼ରେ ପରିଣତ କରିବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଉଛି ତାହାକୁ କେବେ ସଫଳ କରିବାକୁ ଦିଆଯିବ ନାହିଁ। ଏହି ବିକ୍ଷୋଭ ସମାବେଶରେ ବିଜେଡି ନେତା ପ୍ରତାପ ଜେନା , ସିଏମସି ମେୟର ସୁବାସ ସିଂ , ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆକାଶବାଣୀ ଜୟପୁରର ୯୦ ବର୍ଷ ପୂର୍ତ୍ତି: ସୁଗମ ସଙ୍ଗୀତରେ ମହୋଲ

ଜୟପୁର, ୧୪/୦୫ (ନି.ପ୍ର): ଆକାଶବାଣୀ ଜୟପୁର କେନ୍ଦ୍ରର ଐତିହାସିକ ୯୦ ବର୍ଷ ପୂର୍ତି ଉପଲକ୍ଷେ ଗତ ୧୨ ତାରିଖ ଆକାଶବାଣୀ ମୁକ୍ତ ରଙ୍ଗମଂଚରେ ଏକ ଚମକପୂର୍ଣ୍ଣ ସୁଗମ ସଙ୍ଗୀତ ସମାରୋହ ଆୟୋଜିତ ହୋଇଥିଲା। ସଙ୍ଗୀତ ପ୍ରେମୀଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏହି ସମାରୋହ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆକାଶବାଣୀର ବରିଷ୍ଠ ଉଦଘୋଷକ ରଞ୍ଜନ କୁମାର ବେହେରା ଉପସ୍ଥିତ ଦର୍ଶକଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହାପରେ ସମ୍ମାନିତ ଅତିଥି ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତୃପ୍ତି ବରିଆ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆକାଶବାଣୀ ଜୟପୁରର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ କୁମାର ପୂଜାରୀ ରେଡ଼ିଓର ଐତିହାସିକ ଯାତ୍ରା ବିଷୟରେ ଉପସ୍ଥିତ ଶ୍ରୋତାଙ୍କୁ ଅବଗତ କରାଇଥିଲେ। ସୁଗମ ସଙ୍ଗୀତ ସମାରୋହରେ ଆକାଶବାଣୀ ଜୟପୁରର ସ୍ୱୀକୃତିପ୍ରାପ୍ତ କଳାକାର ଅନ୍ନୟୀ ପଟ୍ଟନାୟକ, ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା, ସଂଜୀବନୀ ପଣ୍ଡା, ଯୋଗେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଅଧିକାରୀ, ଗୋପୀନାଥ ମହାପାତ୍ର, ଡଃ ଚନ୍ଦନ ଗନ୍ତାୟତ ପ୍ରମୁଖ କଣ୍ଠଦାନ କରି ଶ୍ରୋତାଙ୍କୁ ମୁଗ୍ଧ କରିଥିଲେ। ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ କେ. ସନ୍ତୋଷ କୁମାର ରାଓ, ଇନ୍ଦର ସିଂ, ଭି. କୁରୁମନାଦମ, ହିମାଂଶୁ ଶତପଥୀ, ରାହୁଲ ସାମନ୍ତରାୟ, କେ. ଈଶ୍ୱର ସରାଫ, ଏମ୍ଟି ଜ୍ୟୋତିର୍ମୟ, ତରୁଣ ପାଣିପାତ୍ର, ସୁକମନ ଶଗରିୟା ଓ ଆଶୁତୋଷ ସାନ୍ତପାତ୍ର ପ୍ରମୁଖ। ଆକାଶବାଣୀର ଟପ୍ ଗ୍ରେଡ୍ ମ୍ୟୁଜିକ୍ କମ୍ପୋଜର ବିଜୟ କୁମାର ସାମନ୍ତରାୟ ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପରିଶେଷରେ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ବିଲୁଅ ମଙ୍ଗଳ ପ୍ରଧାନ ଉପସ୍ଥିତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଥିଲେ। ଆକାଶବାଣୀ ଜୟପୁର କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଏହି ସଙ୍ଗୀତ ସମାରୋହ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# ରାଜ୍ୟସ୍ତରୀୟ ତ୍ରିଦିବସୀୟ ମାଧ୍ୟମିକ ଇଂରାଜୀ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ

ଝାରସୁଗୁଡ଼ା, ୧୪/୦୫ (ନି.ପ୍ର): ଡିଏଭି ସେଣ୍ଟର ଫର ଏକାଡେମିକ ଏକ୍ସଲେନ୍ସ, ନୂଆଦିଲ୍ଲୀର ନିର୍ଦ୍ଦେଶକ୍ରମେ ଏବଂ ଓଡ଼ିଶା ଡିଏଭି ଅନୁଷ୍ଠାନସମୂହଙ୍କ ରିଜିଓନାଲ ଟ୍ରେନିଂ ସେଣ୍ଟରର ସହଯୋଗରେ ରାଜ୍ୟର ୭ଟି କ୍ଲଷ୍ଟରର ମାଧ୍ୟମିକ ବର୍ଗ ଇଂରାଜୀ ବିଷୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତ୍ରିଦିବସୀୟ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଅଧିବେଶନରେ ଆୟୋଜକ, ସ୍ୱାଗତ ପକ୍ଷ ତଥା ଝାରସୁଗୁଡ଼ା ଡିଏଭି ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା, ବନହରପାଲି ଡିଏଭି ଅଧକ୍ଷା ଅନିତା ଭାଗ୍ୟରାଜ, ଲାଞ୍ଜିଗଡ଼ ଡିଏଭି ଅଧକ୍ଷା ମନଭିନ କୌର ଓ ବ୍ରଜରାଜନଗର ଇବ ଭ୍ୟାଲି ଡିଏଭି ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଦୀପ ପ୍ରଜ୍ୱଳନପୂର୍ବକ ତ୍ରିଦିବସୀୟ କର୍ମଶାଳାର ଶୁଭାରମ୍ଭ କରିବା ସହିତ ଶିକ୍ଷକଶିକ୍ଷାର୍ଥୀମାନଙ୍କୁ କର୍ମଶାଳାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ । ଜାତୀୟ ଶିକ୍ଷାଗତ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ.ସି.ଇ.ଆର.ଟି)ଦ୍ୱାରା ନବ ପ୍ରଚଳିତ ଇଂରାଜୀ ପୁସ୍ତକ 'କାବେରୀ'ର ନୂତନ ବିଷୟବସ୍ତୁ, ଶିକ୍ଷଣ ପଦ୍ଧତି, କ୍ରିୟାମୂଳକ ଅଭିଗମ ଓ କୌଶଳଭିତ୍ତିକ ଅଧ୍ୟୟନକୁ ଅଧିକ ସୁଗମ ଓ ରୁଚିକର କରିବା ସହିତ କର୍ମଶାଳାରେ ପ୍ରଶିକ୍ଷଣ ମାଧ୍ୟମରେ ଶିକ୍ଷକମାନଙ୍କୁ "କାବେରୀ" ପୁସ୍ତକର ମୂଳ ଉଦ୍ଦେଶ୍ୟ, ଅଧ୍ୟାୟଭିତ୍ତିକ ଶିକ୍ଷଣ କୌଶଳ, ଭାଷା ଶିକ୍ଷାର ନୂତନ ଧାରା, କ୍ରିୟାଧାରିତ ଅଧ୍ୟୟନ ପଦ୍ଧତି ଏବଂ ଛାତ୍ରକେନ୍ଦ୍ରିକ ଶିକ୍ଷା ପ୍ରୟୋଗ ସମ୍ବନ୍ଧରେ ଅଧିକ କ୍ରିୟାଶୀଳ କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ । କର୍ମଶାଳା ଶିକ୍ଷକମାନଙ୍କର ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ମନରେ ଇଂରାଜୀ ଭାଷା ପ୍ରତି ଆଗ୍ରହ, ସୃଜନଶୀଳତା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ।

# ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ପାଳିତ

ଖୋର୍ଦ୍ଧା , ୧୪/୫ (ନି.ପ୍ର): ସଚ୍ଚି ରାଉତରାୟ ସାହିତ୍ୟ ସଂସଦ ଆନୁକୁଲ୍ୟରେ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ତାଙ୍କ ଜନ୍ମ ସ୍ଥାନ ଗୁରୁଜଙ୍ଗ ଦେଓ୍ୱାନ୍ ସାହି ରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସଂସଦର ଉପସଭାପତି ତଥା କବୟିତ୍ରୀ ଆରତୀ ମଞ୍ଜରୀ ଦାଶ ଓ ଅବସରପ୍ରାପ୍ତ ଅଧ୍ୟାପିକା ଶୁଭଦର୍ଶିନି ଦେବୀ ଙ୍କ ପରିଚାଳନା କ୍ରମେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା ।ଏଥିରେ ଖୋରଧା ଓ ଗୁରୁଜଙ୍ଗର କବିମାନେ ଅଂଶ ଗ୍ରହଣ କରି କବିତା ମାଧ୍ୟମରେ ମାଟିର ମହାକବି ସଚ୍ଚି ରାଉତରାୟ ଙ୍କ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା ତଥା ସଂସଦର ସଭାପତି ଶ୍ୱେତ ପଦ୍ମାସିନି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ସଂସଦର ମୁଖପତ୍ର ' ଶତଦଳ ' ଉନ୍ମୋଚିତ ହୋଇଥିଲା । ଏତଦ୍ ବ୍ୟତୀତ କବି ଶ୍ରୀଯୁକ୍ତ ନାରାୟଣ ଦାସ ଙ୍କ କବିତା ପୁସ୍ତକ ' କାଶତଣ୍ଡି -୪' ବରେଣ୍ୟ ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା । ଏହି ସାରସ୍ୱତ ଉତ୍ସବ ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଗବେଷକ ଶ୍ରୀଯୁକ୍ତ ସତ୍ୟବାଦୀ ବଳିଆର୍ସିଂ ସ୍ୱାଧୀନତା ସଂଗ୍ରାମରେ କବି ଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ସଚ୍ଚି ରାଉତରାୟଙ୍କ ଉପନ୍ୟାସ ' ଚିତ୍ରଗ୍ରିବ ' ଠାରୁ ଆରମ୍ଭ କରି ତାଙ୍କ ଗଳ୍ପ ସାମ୍ରାଜ୍ୟ ଓ କବିତାକାଶର ସ୍ୱତନ୍ତ୍ର ବିଭବ ସମ୍ପର୍କରେ ଅବତାରଣା କରି ଓଡ଼ିଆ ସାହିତ୍ୟରେ ପ୍ରାକ୍ ସାରଳା ଯୁଗ ଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ କାବ୍ୟାଦର୍ଶର ସଂକ୍ଷିପ୍ତ ଚିତ୍ର ଉପସ୍ଥାପନ କରିଥିଲେ। ସଭାର ମୁଖ୍ୟ ଅତିଥି ତଥା ଖୋରଧା ସାହିତ୍ୟ ସଂସଦ ର ପୂର୍ବତନ ସଭାପତି ଶ୍ରୀଯୁକ୍ତ ବୈକୁଣ୍ଠ ନାଥ ରାଜଗୁରୁ ସଚ୍ଚି ରାଉତରାୟ ଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟ କାମନା କରିବା ସହ କବିଙ୍କ ରାଜନୈତିକ ଜୀବନ ଓ ପଲ୍ଲୀ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ ।ଐତିହାସିକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ଦାସ ତାଙ୍କ ଅଭିଭାଷଣରେ ସଚ୍ଚି ରାଉତରାୟଙ୍କ ଗଳ୍ପରେ କୈଶୋର ଜୀବନର ପ୍ରେମ ଓ ଅନ୍ୟାନ୍ୟ ଭାବଧାରା ବିଷୟରେ କହିଥିଲେ ।କବି ଙ୍କ ସାହିତ୍ୟ କିପରି ଅଧିକ ଜନାଦୃତ ହୋଇପାରିବ ଓ ରାଜ୍ୟସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସଚ୍ଚି ରାଉତରାୟଙ୍କ ପୂର୍ଣ୍ଣାବୟବ। ପ୍ରତିମୂର୍ତ୍ତି ସ୍ଥାପନ ନେଇ ତତ୍ପରତା ପ୍ରକାଶ କରିବାକୁ ଉପସ୍ଥିତ ସଚ୍ଚି ରାଉତରାୟପ୍ରେମୀମାନଙ୍କୁ ଆହ୍ୱାନ ଦେଇଥିଲେ ।ଏହି ଉତ୍ସବରେ ଗୁରୁଜଂଗ ର ସାରସ୍ୱତ ସାଧକ ସ୍ୱର୍ଗତ ପଣ୍ଡିତ ହରିକୃଷ୍ଣ ପ୍ରଧାନ,ବାଇଧର ମହାପାତ୍ର ଓ ଅକ୍ଷୟ ସାହୁ ଙ୍କୁ ମରଣୋତ୍ତର' ଶତଦଳ ସମ୍ମାନ ' ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦକ ଭବାନୀ ପ୍ରସାଦ କର ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ସଂଗଠନ ସମ୍ପାଦକ ସନ୍ତୋଷ କୁମାର ସାହୁ। କବି ଙ୍କ ସ୍ମୃତିଚାରଣ କରିବାକୁ ଯାଇ ଉପସଭାପତି ଆରତୀ ମଞ୍ଜରୀ ଦାଶ ତାଙ୍କ ସୁପ୍ରସିଦ୍ଧ ବାଜିରାଉତ କବିତା ଆଲୋଚନା କରିଥିଲେ। ସଚ୍ଚି ସାହିତ୍ୟପ୍ରେମୀ ମାନଙ୍କ ଉପସ୍ଥିତିରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ, ସ୍ତମ୍ଭକାର ତଥା ଆଧାପକ ତୁଷାର ରଞ୍ଜନ ପାଲଟା ସିଂ ଓ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମନ୍ତରା ।କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅନୁଷ୍ଠାନର ସଭ୍ୟ ତଥା ସମାଜସେବୀ ଜୟନ୍ତ ମହାନ୍ତି, ଅନୁପମ ମହାନ୍ତି,ଚିତ୍ରଶିଳ୍ପୀ ତଥା କବି ଶ୍ରୀକାନ୍ତ ପାଣିଗ୍ରାହୀ ଓ ଶ୍ରୀ ବିଭୂତି ସେନାପତି। ସଭା ସଂଯୋଜନା କରିଥିଲେ କବୟିତ୍ରୀ ଯଶସ୍ୱିନି ସାହୁ। ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇ ସଚ୍ଚି ରାଉତରାୟ ଙ୍କ ବିପ୍ଳବୀ କବିତା 'ବାଜିରାଉତ ' ଠାରୁ ଆରମ୍ଭ କରି 'ଛୋଟ ମୋର ଗାଁ ଟି ' ଉପରେ ଆଲୋଚନା ରେ ଭାଗନେଇଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ମିଲିଙ୍କୁ ମିଳିଲା ନାହିଁ ମମତା ଟଙ୍କା

ଉଦଳା, ୧୪/୫ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ମାଟିଆଳି ସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରଘୁ ବିନ୍ଧାଣିଙ୍କ ସହଧର୍ମିଣୀ ମିଲି ବିନ୍ଧାଣିଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଜଣାଇଛନ୍ତି । ଆଧାର କାର୍ଡ଼ ପାଇଁ ସେ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ମିଲି ବିନ୍ଧାଣି ଖାଦ୍ୟ ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫



କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ସେହିପରି ସେ ଗର୍ଭ ଧାରଣ କରିବା ସମୟରେ ଗର୍ଭବତି ମହିଳା ମାନଙ୍କୁ ଅଙ୍ଗନଓ୍ୱାଡ଼ିରୁ ଯେଉଁ ଖାଦ୍ୟ ମିଳିବା କଥା ତାହା ମିଳିଲା ନାହିଁ । ପିଲା ଜନ୍ମ ପରେ ମମତା ଯୋଜନାରେ ମିଳୁଥିବା ଟଙ୍କା ମଧ୍ୟ ସେ ପାଇପାରି ନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ରାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିବାର କଥା ମିଲି ଅଭିଯୋଗ କରିଛନ୍ତି । ଆଦିବାସୀ ଗର୍ଭବତି ଓ ପ୍ରସୂତି ମା' ମାନେ ଏହିଭଳି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ସେମାନଙ୍କୁ କୌଣସି ସହଯୋଗ ନକରି ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଚୁପ୍‌ମାରି ବସିବା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

# ବାରାମତିରେ ରେଡ୍ ବାର୍ଡ ଆଭିଏସନ୍ ବିମାନ ଦୁର୍ଘଟଣାର ତଦନ୍ତ ଆରମ୍ଭ କଲା ଡିଜିସିଏ

ନୂଆଦିଲ୍ଲୀ, ୧୪/୫ : ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ବୁଧବାର ମହାରାଷ୍ଟ୍ରର ବାରାମତିରେ ଏକ ରେଡ୍ ବାର୍ଡ ଆଭିଏସନ୍ ତାଲିମ ବିମାନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ବିମାନ ଚଳାଚଳ ନିୟାମକ ଡିଜିସିଏ ବୁଧବାର ବିଳମ୍ବିତ ରାତିରେ ଜାରି କରିଥିବା ଏକ ବିବୃତିରେ କହିଛି ଯେ, ବୁଧବାର ଦିନ ମେସର୍ସ ରେଡ୍ ବାର୍ଡ ଆଭିଏସନ୍ (ଏକ ଫ୍ଲାଇଟ୍ ଟ୍ରେନିଂ ଅର୍ଗାନାଇଜେସନ୍ କିମ୍ବା ଏଫ୍. ଟି. ଓ.) ର ଏକ ଟେକ୍ନାମ୍ ୨୦୦୮ଜେ. ସି. ବିମାନ (ଭି. ଟି. ଆର.ଏଫ୍. ୱାଇ.) ଏକାକୀ ଉଡ଼ାଣରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା ଏବଂ ବିମାନ ଉଡ଼ାଣ କରୁଥିବା ତାଲିମପ୍ରାପ୍ତ ପାଇଲଟଙ୍କୁ ବାରାମତି ବିମାନବନ୍ଦର ନିକଟରେ ଗୋଜୁବୋୱି ନାମକ ଏକ ସ୍ଥାନରେ କ୍ଷେତରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା, ଯାହା ବିମାନକୁ କ୍ଷତି ପହଂଚାଇଥିଲା, କିନ୍ତୁ ଏହାର ପାଇଲଟ୍ ସୁରକ୍ଷିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ରେଡବର୍ଡ଼ ଆଭିଏସନ୍ ସହିତ ଏହା ପ୍ରଥମ ଘଟଣା ନୁହେଁ, ୨୦୨୧ ପରଠାରୁ ରେଡବର୍ଡ଼ ଆଭିଏସନ୍ ବିମାନ ସହିତ ଜଡ଼ିତ ଏହା ସପ୍ତମ ପ୍ରମୁଖ ଦୁର୍ଘଟଣା । ଏପରି ବାରମ୍ବାର ଦୁର୍ଘଟଣା ଏକାଡେମୀର ସୁରକ୍ଷାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି।

## କେନ୍ଦ୍ର ଚିନି ରପ୍ତାନି ଉପରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଲଗାଇଲେ କଟକଣା

ନୂଆଦିଲ୍ଲୀ,୧୪/୫ : କେନ୍ଦ୍ର ସରକାର ଘରୋଇ ବଜାରରେ ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ କଂଚା, ଧଳା ଏବଂ ପରିଷ୍କୃତ ଚିନିର ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ(ଡିଜିଏଫଟି)ମେ ୧୩ ବିଳମ୍ବିତ ତାରିଖରେ ଏହି ସମ୍ପର୍କିତ ଏକ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତି ଅନୁଯାୟୀ, ଚିନି ରପ୍ତାନି ନୀତିରେ ପରିବର୍ତ୍ତନ କରାଯାଇଛି। ସରକାର ଆଇଟିସୀ (ଏଚଏସ) କୋଡ୍ ୧୭୦୧ ୧୪ ୯୦ ଏବଂ ୧୭୦୧ ୯୯ ୯୦ ଅନୁଯାୟୀ ଚିନି ପାଇଁ ରପ୍ତାନି ନୀତିକୁ ପ୍ରତିବନ୍ଧକରୁ ନିଷିଦ୍ଧ କରିଛି ।ଏହି ନିର୍ଦ୍ଦେଶ କଂଚା ଚିନି, ଧଳା ଚିନି ଏବଂ ପରିଷ୍କୃତ ଚିନିର ରପ୍ତାନିକୁ ସାମିଲ କରାଯାଇଛି ।ଏହି ପ୍ରତିବନ୍ଧକ ୟୁରୋପୀୟ ସଂଘ ଏବଂ ଯୁକ୍ତରାଷ୍ଟ୍ରକୁ ସିଏକ୍ସଏଲ ଏବଂ ଟିଆରକ୍ୟୁ କୋଟା ଅଧୀନରେ, ଆଡଭାନ୍ସ ଅଥରାଇଜେସନ୍ ସ୍କିମ୍ (ଏଏଏସ) ଅଧୀନରେ ଏବଂ ଅନ୍ୟ ଦେଶର ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ କରିବା ପାଇଁ ଉଭୟ ସରକାରଙ୍କ ଦ୍ୱାରା ପଠାଯାଇଥିବା ପଠାଣ ମାଧ୍ୟମରେ ୟୁରୋପୀୟ ସଂଘ ଏବଂ ଯୁକ୍ତରାଷ୍ଟ୍ରକୁ ଚିନି ରପ୍ତାନି ଉପରେ ପ୍ରଯୁଜ୍ୟ ହେବ ନାହିଁ। ଏହା ବ୍ୟତୀତ, ରପ୍ତାନି ପ୍ରକ୍ରିୟାରେ ଥିବା ପୂର୍ବରୁ ଥିବା କନସାଇନମେଂଟ ଗୁଡ଼ିକୁ ମଧ୍ୟ ଏହି ପ୍ରତିବନ୍ଧକରୁ ମୁକ୍ତ କରାଯାଇଛି।

# ପ୍ରେମ ବ୍ୟାପାରକୁ ନେଇ ବେକରେ ରଶି ଲଗାଇ ଯୁବକର ଆତ୍ମହତ୍ୟା

ବୈଶିଙ୍ଗା , ୧୪/୫ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମ ପଞ୍ଚାୟତର କେନ୍ଦୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା କ୍ରମରେ ଜନୈକ ଯୁବକ ର ଝୁଲନ୍ତା ଶବ ବୁଧବାର ସକାଳେ ଦେଖିବାକୁ ମିଳିଥିଲା । ବିବରଣୀରୁ ପ୍ରକାଶ କେନ୍ଦୁଆ ଗ୍ରାମର ବେଣୁଧର ସାହୁ ଙ୍କ କନିଷ୍ଠ ପୁତ୍ର ରାକେଶ (୨୬) ନିଜ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ରାତିରେ ସମସ୍ତେ ଶୋଇଗଲା ପରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତ ରାକେଶ ରାଜସ୍ଥାନର ଏକ କପଡା ମିୟରେ



ଚାକିରୀ କରୁଥିଲେ । ବାଲେଶ୍ୱର ଜିଲ୍ଲାର ଜନୈକା ଝିଅ ସହିତ ପ୍ରେମ ସମ୍ପର୍କ ବଢିବା ପରେ ସେ ଝିଅ ଓ ତାର ମାଆ ଙ୍କୁ ନେଇ ରାଜସ୍ଥାନରେ ରହୁଥିଲେ । ସେ ଯାହା ରୋଜଗାର କରୁଥିଲେ ସେହି ମାଆ ଓ ଝିଅ ସବୁ ନେଇ ଯାଉଥିଲେ । ଏହି କଥାକୁ ସହ୍ୟ କରି ନି ପାରି ଦୁଇ ମାସ ରୁ ଉର୍ଦ୍ଧ୍ୱ ହେବ ଚାକିରୀ ଛାଡି ଘରେ ରହୁଥିଲେ । କୌଣସି ଘଟଣାକୁ ନେଇ ସେ ମାନସିକ ଚାପରେ ରହୁଥିଲେ ବୋଲି ଅସମର୍ଥିତ ସୂତ୍ରରୁ ଜଣା ପଡିଥିଲା । ତେବେ ମଙ୍ଗଳବାର ରାତିରେ ଖିଆ ପିଆ ସରିବା ପରେ ବାହାରେ ଏକ ଖଟରେ ସେ ଶୋଇଥିଲେ । ସକାଳେ ଘର ଲେକେ ଉଠିବା ପରେ ବିଛଣାରେ ନ ଥିବାର ଦେଖି ଏଣେ ତେଣେ ଖୋଜିବା ବେଳେ ଘର ପଛ ପଟ ଆମ୍ବ ଗଛରେ ଝୁଲୁଥିବାର ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ରଶି କୁ କାଟି କାଟି ତଳକୁ ଆଣିଥିଲେ ମଧ୍ୟ ସେତେବେଳକୁ ଶରୀର ରେ ପ୍ରାଣ ନ ଥିଲା । ବୈଶିଙ୍ଗା ପୋଲିସ କୁ ଖବର ଦେବା ପରେ ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ସହିତ ପୋଲିସ ପହଞ୍ଚି ଅନୁସନ୍ଧାନ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଏନେଇ ୨୧/ ୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି । ଶବ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଛି । ସେ ଅବିବାହିତ ଥିଲେ ।

# ଜଉକଣ୍ଢେଇ ବାହାଘରର ଚତୁର୍ଥ ସନ୍ଧ୍ୟା: ଜଉକଣ୍ଢେଇ ପ୍ରଦର୍ଶନୀରେ ଭିଡ଼

ବାଲେଶ୍ୱର , ୧୪/୫ (ନି.ପ୍ର): ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବମୁଖର କରିଛି ଫକୀରମୋହନଙ୍କ ଜନ୍ମମାଟି ବାଲେଶ୍ୱର ସହରକୁ । ସବୁଠି ଚାଲିଛି ଆମ ଉତ୍କଳୀୟ ଲୋକ କଳା, ଲୋକ ସଂସ୍କୃତିର ଆଳାପ-ଆଲୋଚନା । ନୃତ୍ୟସଙ୍ଗୀତ କଳାମନ୍ଦିର ବାଲେଶ୍ୱରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟ ଓ ସଙ୍ଗୀତ ସହିତ, ଏଡିଏସ ଫେସନ ଶୋ, ଗୁରୁ ନନ୍ଦକିଶୋର ଦାସ ଓ ସାଥୀଙ୍କ ତବଲା ବାଦନ ଓ ଖୋର୍ଦ୍ଧାର ପ୍ରସିଦ୍ଧ ପାଇକ ଆଖଡା ଲୋକଙ୍କୁ ବିମୋହିତ କରିଥିଲା । ଏତଦବ୍ୟତୀତ ବିଭିନ୍ନ ସ୍ଥାନୀୟ କଳାକାରମାନଙ୍କର ନୃତ୍ୟ ସମସ୍ତଙ୍କୁ ଚମତ୍କୃତ କରିଥିଲା । ଓଡିଶା



ସରକାରଙ୍କ ଲୋକକଳା, ହସ୍ତଶିଳ୍ପ ଆଦିର ପ୍ରଦର୍ଶନୀ ମଧ୍ୟ ଲୋକଙ୍କୁ ବିଶେଷ ଆକର୍ଷିତ କରୁଥିଲା । ବରିଷ୍ଠ ସାମ୍ବାଦିକ ତଥା ଜଉକଣ୍ଢେଇ ଉତ୍ସବ ସମିତିର ଉପସଭାପତି ଶ୍ରୀଯୁକ୍ତ ବିପ୍ଳବ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇ ଟି ଆରର ନିର୍ଦ୍ଦେଶକ କୋଗିଲା ସୁଚେନ୍ଦ୍ର ମୁଖ୍ୟ ଅତିଥୀ, ଇମାମି ପେପରର ଉପ- ମହାପ୍ରବନ୍ଧକ ଶ୍ରୀଯୁକ୍ତ ମନୋଜ କୁମାର ପାଢୀ ମୁଖ୍ୟ ବକ୍ତା ଓ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥୀ ଭାବରେ ଯୋଗ ଦେଇ ଜଉକଣ୍ଢେଇ ବାହାଘର ଆଜି କେମିତି ଏକ ପ୍ରସିଦ୍ଧ ଗଣପର୍ବ ହୋଇଛି- ସେ ବିଷୟରେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ପରେଶ ଚନ୍ଦ୍ର ଦାଶ ପ୍ରାକ କଥା ରଖିଥିଲାବେଳେ ମିତା ସସ୍ମିତା କବି ମଞ୍ଚ ଆହ୍ୱାନ ଓ ଅତିଥୀ ପରିଚୟ ଦେଇଥିଲେ । ଶ୍ରୀମତୀ ମିନତୀ ସେଠି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ଃ ଉପେନ୍ଦ୍ର ନାଥ ପାତ୍ର, ଡ଼ଃ କୁମାର ଗୋପାଳ, ଚନ୍ଦ୍ରଶେଖର ଦାସ ମହାପାତ୍ର, ଡ଼ଃ କାଳିକିଙ୍କର ଦାସ, ବ୍ୟୋମନାଥ ରଥ, ବ୍ରହ୍ମନାଥ ରଥ, ରଘୁନାଥ ଲେଙ୍କା, କାହ୍ନୁ ଲେଙ୍କା, ସନ୍ତୋଷ, ପରେଶ ଦାଶ, ଲକ୍ଷ୍ମୀ ନାରାୟଣ ଘୋଷ, ରାଜେଶ ଗିରି, ନୀଳମଣି ମଣ୍ଡଳ, ନନ୍ଦ କିଶୋର ଦାସ, ଦେବାଶିଷ ଚାଟାର୍ଜୀ, ଧରିତ୍ରୀ ମିଶ୍ର, ରଚନା ସେନ, ଅଳକାପତି, ଉର୍ବଶୀ ଦାସ, ମୌସୁମୀ ଦାସ ପଟ୍ଟନାୟକ, ଓଜସ୍ୱିନୀ, ଅନାମିକା, ଅନିତା, ଅର୍ଚ୍ଚନା, ଶାଲୁ, ସୌଭାଗିନୀ, ରୁନି ଆଦି ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ଧାମନଗର ଏସିଡିସି ବୈଠକରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା: ବର୍ଷା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭଦ୍ରକ, ୧୪/୫ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାମନଗର ନିର୍ବାଚନ ମଣ୍ଡଳୀ ବିକାଶ କମିଟି (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଠକରେ ଯୋଗଦେଇ ବିଗତ ବର୍ଷ ଓ ଚଳିତ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ ।ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ଖାଉଟି ଯୋଗାଣ, ମତ୍ସ୍ୟ, ଉଦ୍ୟାନ, ଗମନାଗମନ, ମିଶନ ଶକ୍ତି, ପ୍ରାଣୀ ସମ୍ପଦ, ଉଠା ଜଳସେଚନ, ପୂର୍ତ୍ତ, ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜଳ ନିଷ୍କାସନ ବିଭାଗର ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସଠିକ୍ ଭାବେ ଚାଲୁଛି କି ନାହିଁ, ସେନେଇ ଖୁବ୍ ତଥ୍ୟାତ୍ମକ ଆଲୋଚନା ହୋଇଥିଲା। ଆଗାମୀ ବର୍ଷା ଋତୁ ପୂର୍ବରୁ ସମସ୍ତ ଅପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହାଛଡା ଧାନ ଚାଷ, ତୈଳବୀଜ ଫସଲ, ଝୋଟ, ମାଛ ଚାଷ, ଛତୁ ଚାଷ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସ୍ୱାବଲମ୍ବନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବିକ୍ରୟ ବୃଦ୍ଧି କରି ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।ବୈଠକରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଉତ୍ତରପ୍ରଦେଶରେ...

ପ୍ରୟାଗରାଜରେ ୨୧ ଜଣ ଜୀବନ ଯାଇଥିବା ବେଳେ ଅନେକ ବଡ଼ବଡ଼ ଗଛ ଉପୁଡ଼ି ଯାଇଛି। ଅନେକ ଗଛ ରାସ୍ତା ଉପରେ ପଡ଼ି ରହିଥିବାରୁ ଯାତାୟାତ ମଧ୍ୟ ଠପ ହୋଇଯାଇଛି। ପୌର ନିଗମର କନିଷ୍ଠ ଯନ୍ତ୍ରୀ ବିନୋଦ ପଟେଲଙ୍କ କହିଥିବା କଥାରେ ପାଥର ଗିରଜାଘର, ଅଶୋକ ନଗର, କାଚହରି ରୋଡ ଓ ମହାତ୍ମା ଗାନ୍ଧି ନଗରରେ ଗଛ ଉପୁଡ଼ିବା ଯୋଗୁ ଟ୍ରାଫିକ ସମସ୍ୟା ଦେଖାଯାଇଛି। ସେହିପରି କଲ୍ୟାଣୀ ଦେବୀ ଅଞ୍ଚଳରେ ମଧ୍ୟ ଗୋଟିଏ ବଡ଼ ଗଛ ଉପୁଡ଼ି ପଡ଼ିଛି। ଝଡ଼ ବର୍ଷା ଯୋଗୁ ପ୍ରୟାଗରାଜର ଅନେକ ସ୍ଥାନରେ ବଦ୍ୟୁତ ଯୋଗାଣ ବନ୍ଦ ହୋଇ ଯାଇଛି। ପୌର ନିଗମର ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନେକ ସ୍ଥାନରେ କେବଳ ମାଟି କିମ୍ବା ଟିଣ ଘର ଭାଙ୍ଗି ନାହିଁ, ବରଂ ଝଡ଼ବର୍ଷାର ପ୍ରକୋପ ଯୋଗୁ ଛାତ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଆଇନ...

ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୋଲିସ ପ୍ରଶାସନ ପାଇଁ ଖୁବ୍ ସହାୟକ ହୋଇପାରିବେ । ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ବା ପ୍ରୋ ଆକ୍ଟିଭ୍ ଆକ୍ସନ୍ ନେବା ଅତ୍ୟନ୍ତ ଜରୁରୀ । ବିଭିନ୍ନ ଅଂଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଜରୁରୀ । ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ । ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁ-ସମ୍ପର୍କ ରକ୍ଷା କରିପାରିଲେ ପୋଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ । ଏହାଦ୍ୱାରା ପୋଲିସକୁ ମଧ୍ୟ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁବିଧା ହେବ । ପୋଲିସ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପୋଲିସର ଉପସ୍ଥିତି ସର୍ବସାଧାରଣରେ ପରିଲକ୍ଷିତ ହେବା ଅତ୍ୟନ୍ତ ଜରୁରୀ । ବ୍ୟାପକ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥା ଦ୍ୱାରା ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆ ମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

### ତୃତୀୟ ପର୍ଯ୍ୟାୟ ଏସଆଇଆର୍ ...

୩ ଲକ୍ଷ ୯୪ ହଜାର ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଘରକୁ ଘର ବୁଲି ପାଖାପାଖି ୩୬.୭୩ କୋଟି ଭୋଟରଙ୍କ ଯାଞ୍ଚ କରିବେ। ମେ ୩୦ ତାରିଖରୁ ବିଏଲ୍‌ଓ ଘରକୁ ଘର ବୁଲି ଭୋଟର ତାଲିକା ଯାଞ୍ଚ କରିବା ସହିତ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିବେ। ଦିଲ୍ଲୀରେ ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୭ ତାରିଖରେ ପ୍ରକାଶ କରାଯିବ। ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଓ ଲଦାଖରେ ପରବର୍ତ୍ତୀ ସମୟରେ ତୃତୀୟ ପର୍ଯ୍ୟାୟ ଜନଗଣନା ପରେ ସ୍ୱତନ୍ତ୍ର ଭାବେ ଏସ୍‌ଆଇଆର କରାଯିବ। ପାଣିପାଗ ଓ ଅନ୍ୟ ସବୁ ଆହ୍ୱାନପୂର୍ଣ୍ଣ ସ୍ଥିତିକୁ ଲକ୍ଷ୍ୟ କରି ଏହି ଏସ୍‌ଆଇଆର କରାଯିବ। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସମସ୍ତ ଭୋଟରଙ୍କୁ ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆରରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିହାରରେ ଜୁନ୍‌ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ହୋଇଥିଲା। ଏହାପରେ ଅକ୍ଟୋବର ୨୦୨୫ରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ପ୍ରମୁଖ ୯ ରାଜ୍ୟ ଓ ତିନି କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର ହୋଇଥିଲା। ଉତ୍ତର ପ୍ରଦେଶରେ ସର୍ବାଧିକ ୨.୦୪ କୋଟି ଭୋଟର ବାଦ୍ ପଡ଼ିଥିବାବେଳେ ପଶ୍ଚିମବଙ୍ଗରେ ୮୩.୮୬ ଲକ୍ଷ୍ୟ ଭୋଟର ବାଦ୍ ପଡ଼ିଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୯ କୋଟି ଭୋଟରଙ୍କ ଯାଞ୍ଚ କରାଯାଇଥିଲା।

### ଭିଜିଲାନ୍ସ ଜାଲରେ...

ବାଲେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୪ଟି ଭିଜିଲାନ୍ସ ଟିମ୍ ଏକାସାଥିରେ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଟିମ୍‌ରେ ୪ ଜଣ ଡିଏସପି, ୪ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।ଶ୍ରୀ ମହାନ୍ତି ୨୦୧୧ ମସିହାରେ ମାସିକ ୧୩,୫୦୦ ଟଙ୍କା ବେତନରେ ଚୁକ୍ତିଭିତ୍ତିକ ଜୁନିଅର ଇଞ୍ଜିନିୟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପରେ ସେ ଢେଙ୍କାନାଳ ଓ ଭଦ୍ରକ ସିଏଡି ବିଭାଗରେ କାର୍ଯ୍ୟ କରିଥିଲେ ଏବଂ ୨୦୨୧ ମସିହାରେ ନିୟମିତ ହୋଇଥିଲେ।

### ଲାଗୁ ହେଲା ଦୁଇ..

ସପ୍ତାହକୁ ଦୁଇ ଦିନ ଘରେ ରହି କାମ କରିବେ। ସେମାନେ ଯଥା ସମ୍ଭବ ସରକାରୀ ଓ ବ୍ୟକ୍ତିଗତ କାମରେ କମ ଗାଡ଼ିର ବ୍ୟବହାର କରିବେ। ଯାତ୍ରା ଓ ତୈଳ ବ୍ୟବହାର ହ୍ରାସ କରିବାକୁ ଏଣିକି ୫୦% ସରକାରୀ ମିଟିଂ ଅନଲାଇନରେ ହେବ। ଟ୍ରାଫିକ ଓ ତୈଳ ସଂରକ୍ଷଣ ପାଇଁ ଦିଲ୍ଲୀ ସରକାର ଓ ଏମସିଡି ପକ୍ଷରୁ ଅଫିସ ଟାଇମକୁ ବଦଳାଇ ଦିଆଯାଇଛି। ଲୋକଙ୍କ ମଧ୍ୟରେ ତୈଳ ସଂରକ୍ଷଣର ସଚେତନା ସୃଷ୍ଟି କରିବା ପାଇଁ ଦିଲ୍ଲୀ ସରକାର ଗୋଟିଏ କାର୍ଯ୍ୟକ୍ରମ ମଧ୍ୟ ରମ୍ଭ କରିବେ। ସରକାରୀ ଗାଡ଼ିର ବ୍ୟବହାର କମ କରିବାକୁ ମଧ୍ୟ ସରକାର ନିଷ୍ପତ୍ତି ନେଇଛି। ସରକାରୀ ଅଧିକାରୀଙ୍କୁ ଉପଲବ୍ଧ ହେଉଥିବା ପେଟ୍ରୋଲ ସୀମାକୁ ୨୦% ହ୍ରାସ କରି ଦିଆଯାଇଛି। ପୂର୍ବରୁ ମାସକୁ ସରକାରୀ କର୍ମଚାରୀମାନେ ୨୦୦ରୁ ୨୫୦ ଲିଟର ପେଟ୍ରୋଲ ବ୍ୟବହାର କରୁଥିଲେ। ସାଧାରଣ ପରିବହନକୁ ପ୍ରୋତ୍ସାହିତ କରିବାକୁ ଦିଲ୍ଲୀ ଗୋଟିଏ ମେଟ୍ରୋ ଦିବସ ପାଳନ କରିବ। ପ୍ରତି ସୋମବାର ସକରାରୀ କର୍ମଚାରୀ ଓ ମନ୍ତ୍ରୀମାନେ ମେଟ୍ରୋ ବ୍ୟବହାର କରି ଅଫିସ ଆସିବେ। ସେହିପରି ଲୋକଙ୍କୁ ସପ୍ତାହର ଗୋଟିଏ ଦିନକୁ ନୋ କାର ଦିବସ ଭାବେ ପାଳନ କରିବାକୁ ସରକାର ଆହ୍ୱାନ ଦେଇଛନ୍ତି। ଆଗାମୀ ୬ ମାସ ଯାଏ ଦିଲ୍ଲୀ ସରକାର କୌଣସି ନୂଆ ଗାଡ଼ି କିଣିବେ ନାହିଁ। କର୍ମଚାରୀଙ୍କ ମଧ୍ୟରେ ସାଧାରଣ ପରିବହନର ବ୍ୟବହାରକୁ ବୃଦ୍ଧି କରିବା ପାଇଁ ୨୯ଟି ସରକାରୀ କଲୋନୀରେ ୫୮ଟି ସ୍ୱତନ୍ତ୍ର ବସ ଚଳାଚଳ କରିବ।

### ମନି ଲଣ୍ଡରିଂ ମାମଲାରେ...

ସ୍କାଏ ଲାଇଟ୍ ହସପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ସ୍କାଏ ଲାଇଟ୍ ରିଅଲ୍ ଆର୍ଥ ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ବ୍ଲୁ ବ୍ରିଜ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଆର୍ଟେକ୍ସ, ମେସର୍ସ ନର୍ଥ ଇଣ୍ଡିଆ ଆଇଟି ପାର୍କସ୍ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଲାୟୋଦର ଆର୍ଡ୍ ଏଂଟରପ୍ରାଇଜେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ଏସଜିୱାଇ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ଙ୍କୁ ସମନ ଜାରି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

### ସାବରୀମାଳା ମାମଲାର ...

ପି.ବି. ଭାରାଲେ, ଆର. ମହାଦେବନ ଏବଂ ଜୟମାଲ୍ୟ ବାଗଚି ସାମିଲ ଥିଲେ। ୨୮ ସେପ୍ଟେମ୍ବର ୨୦୧୮ରେ ସୁପ୍ରିମକୋର୍ଟ ୪-୧ ବହୁମତରେ ଏହାର ରାୟ ପ୍ରଦାନ କରିଥିଲେ। କୋର୍ଟ କହିଥିଲେ ଯେ ମହିଳାମାନଙ୍କ ପ୍ରତି ଭେଦଭାବ ବହୁ ଦିନ ଧରି ପ୍ରଚଳିତ। ମହିଳାମାନେ ପୁରୁଷଙ୍କଠାରୁ କମ୍ ନୁହଁନ୍ତି। ଗୋଟିଏ ପଟେ, ଆମେ ମହିଳାଙ୍କୁ ଦିବ୍ୟ ଅସ୍ତିତ୍ୱର ପ୍ରତିମୂର୍ତ୍ତି ବୋଲି ମାନିଥାଉ, ଅନ୍ୟପଟେ, ଆମେ ସେମାନଙ୍କ ପ୍ରତି ଭେଦଭାବ କରୁ।

# ୩ ବର୍ଷ ଧରି ଡେପୁଟେସନ୍‌ରେ ଜିଏନ୍‌ଏମ୍: ସ୍ୱାସ୍ଥ୍ୟ ବିଭାଗର ଅଜବ ନୀତି

## ବଢୁଛି ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ବାଲେଶ୍ୱର, ୧୪/୫ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷ ଏଠାରେ କାର୍ଯ୍ୟରତ ଥିବା ଜିଏନ୍‌ଏମ୍ ପୂର୍ଣ୍ଣିମା ଜେନାଙ୍କୁ ୩ବର୍ଷ ଧରି ଡେପୁଟେସନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ କରାଯାଇଛି। ବାରମ୍ବାର ଅଭିଯୋଗ ପରେବି ଫଳ ଶୂନ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି । ସ୍ୱାସ୍ଥ୍ୟ ବିଭାଗରେ ଏଭଳି ବିଚିତ୍ର ନୀତି ସରକାରଙ୍କ ପରିବାପଣିଆ ପ୍ରତି ପ୍ରଶ୍ନ ଉଠାଇଛି । ଏହାକୁ ନେଇ ରୂପ୍‌ସା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନାଯେ,ଦୀର୍ଘ ଦିନର ଦାବି ମୁତାବକ ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ଗତ ୨୦୨୩ ନଭେମ୍ବର ୨୮ ତାରିଖରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଏନ୍‌ଏମ୍ ପୂର୍ଣ୍ଣିମା ଜେନାଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ତତ୍କାଳୀନ ସିଡିଏମ୍‌ଓ ଏବଂ ସିଡିଏମଙ୍କ କାର୍ଯ୍ୟାଳୟର ଜଣେ କିରାଣୀ ଚଞ୍ଚକତା କରି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଷ୍ଟାଫ ନର୍ସ ଭାବେ ଡେପୁଟେସନରେ ଆଣିଥିଲେ। ଯାହାକି ନିୟମକୁ ସମ୍ପୂର୍ଣ୍ଣ ଉଲଘଂନ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସିଡିଏମ୍‌ଓ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ସମସ୍ତଙ୍କୁ ଚକିତ କରିଛି । ଖୁବ୍ ଶୀଘ୍ର ଜିଏନ୍‌ଏମ୍ ଜେନାଙ୍କୁ ମୂଳ ସ୍ଥାନକୁ ପଠା ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ରୂପ୍‌ସା ଅଧିବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଅମୂଲ୍ୟ କୁମାର ଦାସଙ୍କୁ ପଚାରାଯିବାରୁ ସେ ଏ ସମ୍ପର୍କରେ ଜାଣି ନଥିବା କହିଛନ୍ତି । ସେତେବେଳ କୋଉ ପରିସ୍ଥିତିରେ ତାଙ୍କୁ ଡେପୁଟେସନରେ ଅଣାଯାଇଥିବ, ହୁଏତ ଆବଶ୍ୟକତା ଦୃଷ୍ଟିରୁ ଅଣାଯାଇଥିବ । ଏବେ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା ପାଇଁ ନିଷ୍ପତ୍ତି

ବାଲେଶ୍ୱର, ତା୧୪-୦୫: ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ୪ ବର୍ଷ ତଳେ ଗଠିତ କ୍ରିୟାନୁଷ୍ଠାନ କମିଟିର ମାସିକ ବୈଠକରେ ଆସନ୍ତା ୨୦ ତାରିଖ ବୁଧବାର ଦିନ ଔପଦା ବ୍ଲକ୍ ସମ୍ମୁଖରେ ସ୍ଥାନୀୟ କୃଷକ ଓ ବିଭିନ୍ନ ଗଣସଂଗଠନ ସହଯୋଗରେ ଏକ ପ୍ରତୀକ ଗଣଧାରଣା ଅନୁଷ୍ଠିତ ହେବ। ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମ୍ମୁଖରେ ଗଣଧାରଣା ସହ ସଂପୃକ୍ତ ବ୍ଲକ୍‌ର ବି.ଡି.ଓ.ଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ଏହି ବୈଠକରେ ସର୍ବଶ୍ରୀ ନିରଞ୍ଜନ ପରିଡ଼ା, ଭାସ୍କର ଚନ୍ଦ୍ର ପାଢ଼ୀ, ଲକ୍ଷ୍ମଣ ବିଶ୍ୱାଳ, ସୁରେନ୍ଦ୍ର ଦୀକ୍ଷିତ, ରବିନାରାୟଣ ଭୋଳ, ଡା. ତାରାକାନ୍ତ ନନ୍ଦ, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କର ବାଲେଶ୍ୱର ପ୍ରତି ବୈମାତୃକ ଭାବ କାରଣରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଦଳମତ ନିର୍ବିଶେଷରେ କୃଷି ଓ କୃଷକର ସ୍ୱାର୍ଥ ପାଇଁ ଆସନ୍ତା ୨୦ ତାରିଖ ଗଣଧାରଣାରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ସୀତାରାମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ପେଟ୍ରୋଲ ପାଇଁ ପମ୍ପରେ ଲମ୍ୱାଲାଇନ: ଚିନ୍ତାରେ ଗ୍ରାହକ

ନୀଳଗିରି, ୧୪/୫ (ନି.ପ୍ର): ଗତ ଫେବୃଆରୀ ୨୮ରୁ ଇରାନ୍ ସହ ଆମେରିକାର ଓ ଇସ୍ରାଏଲର ଯୁଦ୍ଧ ପରଠାରୁ ସାରାବିଶ୍ୱରେ ଅର୍ଥନୈତିକ ସଙ୍କଟ ଜଟିଳ ହେବାରେ ଲାଗିଛି। ବିଶେଷକରି ଆରବ ଦେଶଗୁଡ଼ିକରୁ ବିଭିନ୍ନ ଦେଶକୁ ତୈଳ, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ହେଉଥିବା ସାମୁଦ୍ରିକ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ଇରାନ୍ ନିଜ ନିୟନ୍ତ୍ରଣରେ ରଖିଛି। କିଛି ସପ୍ତାହ ହେଲା ଯୁଦ୍ଧ ବିରତି ରହିଥିଲେ ମଧ ହର୍ମୁଜ୍‌ରେ ସାମଗ୍ରୀ ପରିବହନ ସ୍ୱାଭାବିକ ହୋଇପାରୁନାହିଁ। ଏହାର ପ୍ରଭାବରେ ତୈଳ ଓ ରନ୍ଧନ ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଏଥିରୁ ବାଦ୍ ପଡ଼ିନାହିଁ।



ପ୍ରଥମେ ଗ୍ୟାସ୍ ସମସ୍ୟା ନେଇ ଏକପ୍ରକାର ସମସ୍ୟା ସୃଷ୍ଟି ହୋଇଥିବାବେଳେ ଏବେ ନୀଳଗିରି ଅଞ୍ଚଳର ଅନେକ ପମ୍ପରେ ପେଟ୍ରୋଲ ଓ ଡିଜେଲ୍‌ର ଅଭାବ ଦେଖାଦେଲାଣି। କେତେକ ଫିଲିଂ ଷ୍ଟେସନରେ ପେଟ୍ରୋଲ ଓ ଡିଜେଲ ନଥିବା ଲେଖି ଜଣାଇ ଦିଆଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଲମ୍ବାଧାଡ଼ି ଲାଗୁଛି। ଲୋକଙ୍କୁ ସେମାନଙ୍କ ଇଚ୍ଛା ମୁତାବକ ପେଟ୍ରୋଲ ଓ ଡିଜେଲ ଦେବା ପରିବର୍ତ୍ତେ ନିର୍ଦ୍ଧାରିତ ପରିମାଣର ଦିଆଯାଉଛି। ଏହାକୁ ନେଇ ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି।

## ଅପରିଚିତ ଯୁବକଙ୍କ ମୃତଦେହ ଉଦ୍ଧାର

ବେତନଟୀ, ୧୪/୫(ନି.ପ୍ର) : ୧୮ନଂ ଜାତୀୟରାଜପଥ କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ଉପରୁ ଜନୈକ ଅପରିଚିତ ଯୁବକଙ୍କ ମୃତଦେହ ଗୁରୁବାର ରାତି ଜବତ କରିଛି ବେତନଟୀ ପୁଲିସ । କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ଉପରେ ଜନୈକ ଯୁବକ ଡିଭାଇଡର ଉପରେ ବସିରହିଥିବା ବେଳେ ସେହିଠାରେ ହିଁ ଟଳି ପଡ଼ିଥିଲେ । ଦୀର୍ଘ ସମୟ ଧରି ଡିଭାଇଡର ଉପରେ ଯୁବକ ଜଣକ ପଡିରହିଥିବାର ଦେଖି ସ୍ଥାନୀୟଲୋକେ ବେତନଟୀ ପୁଲିସକୁ ଖବର ଦେଇଥିଲେ । ଖବରପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ପରିଚୟ ପାଇବାକୁ ପୁଲିସ ପକ୍ଷରୁ ଆଖପାଖ ଗାଁ ମାନଙ୍କରେ ପୁଲିସ ପକ୍ଷରୁ ପଚରାଉଚରା ଜାରି ରହିଛି ।

# ଗୋମାତାଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ନୀଳଗିରିରେ ଗୋଶାଳା ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ନୀଳଗିରି, ୧୪/୫ (ନି.ପ୍ର): ନୀଳଗିରି ବିଜ୍ଞାପିତଅଂଚଳ ପରିଷଦ ଅନ୍ତର୍ଗତ ୪ନଂୱାର୍ଡ ମିରିଗିଣି ସ୍ଥିତ ଖପରାବଣିଆଁ ଠାରେ ଗୁରୁବାର ପୂର୍ବାହ୍ନ ସମୟରେ ଏକ ଗୋଶାଳାନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ଅନ୍ୟଅତିଥି ମାନଙ୍କ ମଧ୍ୟରେ ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ଏନ୍.ଏ.ସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ ଶୁଭାଶିଷ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସାଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ ସମସ୍ତ ୱାର୍ଡର କାଉନସିଲର, ଉକ୍ତଅଞ୍ଚଳର ବୁଦ୍ଧିଜୀବି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଅଞ୍ଚଳର ଗୋମାତା, ଗୋ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଗୋଶାଳା ନିର୍ମାଣ କରିବାପାଇଁ ଏନ୍.ଏ.ସି ପକ୍ଷରୁ ଜାଗା ଚିହ୍ନଟ ବା ନିରୁପଣ କରାଯାଇଥିଲା। ଏହା ମିରିଗିଣିସ୍ଥିତ ଖପରାବଣିଆ ଠାରେ ୩ଏକର ରୁ ଉର୍ଦ୍ଧଜମିରେ ପ୍ରଥମ ପର୍ଯ୍ୟାୟରେ ୨୦ଲକ୍ଷଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗୋଶାଳାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଗୋସମ୍ପଦର ରକ୍ଷଣାବେକ୍ଷଣା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ତ୍ୱରାନିତ କରାଯିବାଉପରେ ଉଭୟ ସାଂସଦ ଶ୍ରୀ ଷଡ଼ଙ୍ଗୀ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆ ସ୍ୱତନ୍ତ୍ର ଦୃଷ୍ଟିଦେବେ ବୋଲି କହିଥିଲେ। ଏହି ଗୋଶାଳାର କଳେବରକୁ ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଲେ ପର୍ଯ୍ୟାୟକ୍ରମେ ବଢ଼ା ଯାଇପାରେ ବୋଲି ଏନ୍.ଏ.ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ାଙ୍କ ପକ୍ଷରୁ ସୂଚନା ମିଳିଛି।



# ବୈଶିଙ୍ଗା ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ : ଭାଗ ଭାଗ ହୋଇ ଫସଲ ନଷ୍ଟ କରିବା ସହ ତାଣ୍ଡବ ରଚି ଚାଲିଛନ୍ତି

ବୈଶିଙ୍ଗା, ୧୪/୫ (ନି.ପ୍ର): ଝାଡଖଣ୍ଡି ହାତୀ ପଲ ଙ୍କ ସହିତ ଶିମିଳିପାଳର ହାତୀ ମାନେ ଖାଦ୍ୟ ଅନ୍ୱେଷଣରେ ଆସି ବେତନଟୀ ରେଞ୍ଜ ଅଧିନ ବୈଶିଙ୍ଗା ବନପାଳ ଅଞ୍ଚଳରେ ରବି ଧାନ ଖାଇବା ସହିତ ମାଡି ଚକଟି ବରବାଦ କରି ସାରିଲେଣି । ସେଥିପାଇଁ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏକ ସପ୍ତାହ ପୂର୍ବରୁ ୮୦ ରୁ ଉର୍ଦ୍ଧ୍ୱ ହାତୀପଲ ବେତନଟୀ ରେଞ୍ଜ ଇଲାକାରେ ପ୍ରବେଶ କରି ଭାଗ ଭାଗ ହୋଇ ବିଭିନ୍ ଜଙ୍ଗଲରେ ରହିଥିଲେ । ସେମାନଙ୍କ ମଧ୍ୟରୁ ୩୮ଟି ହାତୀ କ୍ଷୀରପଦା ଜଙ୍ଗଲରୁ ବାହାରି ସନ୍ଧ୍ୟା ପରେ ପରେ ଶଙ୍କରପୁର, ଗଣ୍ଡର୍ଦ୍ଦା ଓ ମହୁଲିଆ ଅଞ୍ଚଳରେ ପ୍ରବେଶ କରିଥିବାର ଜଣାଯାଇଛି । ଆଉ ଏକ ୧୩ ଟିକିଆ ହାତୀପଲ ଦଲକି ଜଙ୍ଗଲରୁ ବାହାରି ସନ୍ତରା ପଞ୍ଚାୟତ ଅଞ୍ଚଳରେ ପ୍ରବେଶ କରିଥିବା ଫରେଷ୍ଟ ଗାର୍ଡ ଉତ୍ତମ କୁମାର ପ୍ରକାଶ କରିଛନ୍ତି । ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବନ ବିଭାଗ ତରଫରୁ ସାଧାରଣ ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଉଛନ୍ତି ।



# 'ସାଇନ୍‌ସ ଏୱାରନେସ୍ ଫୋରମ୍'ର ପ୍ରଥମ ଜନ୍ମଦିନ ପାଳନ

ବାଲେଶ୍ୱର, ୧୪/୫ (ନି.ପ୍ର): ମଣିଷ ସମାଜର ମଙ୍ଗଳ ସହ ପ୍ରକୃତି ଓ ପରିବେଶର ସୁରକ୍ଷା ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇଥିବା 'ସାଇନ୍ସ ଏୱାରନେସ୍ ଫୋରମ୍‌ର ପ୍ରଥମ ଜନ୍ମଦିନ ଉତ୍ସବ ସ୍ଥାନୀୟ ବାଗବୃନ୍ଦାବନ 'ଶ୍ରୀ ଶିକ୍ଷା' କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। କେନ୍ଦ୍ରୀୟ ବିଦ୍ୟାଳୟ (୨)ର ନବମଶ୍ରେଣୀର ଛାତ୍ରୀ ଏ.ଆର. ହଂସିନି ବୈଜ୍ଞାନିକ ଆଇନଷ୍ଟାଇନ୍‌ଙ୍କ ଫଟୋଚିତ୍ର ନିକଟରେ 'ବିଜ୍ଞାନ ପ୍ରଦୀପ' ପ୍ରଜ୍ଜ୍ୱଳନ କରି ଜନ୍ମଉତ୍ସବକୁ ଉଦ୍‌ଘାଟନ କରିଥିଲେ। 'ସାଇନସ୍ ଏୱାରନେସ୍ ଫୋରୋମ୍'ର ମୁଖ୍ୟ କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ଉତ୍ସବର ଆଭିମୁଖ୍ୟ ସଂପର୍କରେ କହିଲେ ଯେ ବିଜ୍ଞାନର ଉପଯୁକ୍ତ ବ୍ୟବହାର ପୃଥିବୀ, ପ୍ରକୃତି, ପରିବେଶକୁ ସୁରକ୍ଷା କରି ମଣିଷ ସମାଜର ମଙ୍ଗଳର କାରଣ ହେବ ଓ ଦ୍ରବ୍ୟର ପୁନର୍ବ୍ୟବହାରକୁ ଦୃଷ୍ଟି ଦେଲେ ବହୁ ସମସ୍ୟାର ସମାଧାନ ହୋଇଯିବ। ଉକ୍ତ ବିଷୟରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ମଣିଷମାନଙ୍କ ମନରେ ସଚେତନତା ସୃଷ୍ଟି କରିବା ପାଇଁ 'ଫୋରୋମ୍' ବିଭିନ୍ନ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେବ। ଅତିଥିଭାବେ ଝାଡ଼େଶ୍ୱର ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଫୋରୋମ୍‌ର ସଭାପତି ଡ. ସମର ବଲ୍ଲଭ ଭୋଇ, ଆବାହକ, ବିଜ୍ଞାନ ଲେଖକ ଓ ଶିକ୍ଷକ ପଦ୍ମଲୋଚନ ପ୍ରଧାନ ଯୋଗଦାନ କରି କହିଥିଲେ ଯେ ବର୍ତ୍ତମାନ ସମୟରେ ବିଜ୍ଞାନର ବ୍ୟବହାର ନକରାତ୍ମକ ପ୍ରଭାବ ପ୍ରକୃତି ଓ ପରିବେଶକୁ ଦୂଷିତ କରି ପୃଥିବୀରେ ବାସ କରୁଥିବା ଜୀବନ ପ୍ରତି ବିପଦ ସୃଷ୍ଟି କରୁଅଛି। ତେଣୁ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ ଓ ବିଜ୍ଞାନର ସଠିକ୍ ବ୍ୟବହାର ପାଇଁ ଦୃଷ୍ଟି ଦେବା ସହ ଯତ୍ନବାନ ହେବାକୁ ମନଟିଏ ତିଆରି କରିବା। 'ଫୋରମ୍'ର ସଂପାଦକ ସାଇ ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ 'ବିଦ୍ୟାର୍ଥୀ ଫାଉଣ୍ଡେସନ୍'ର ପ୍ରତିଷ୍ଠାତା ବିପ୍ଳବ ଦାସ ମହାପାତ୍ର ଆଇନ୍‌ଷ୍ଟାଇନ୍‌ଙ୍କ ଉଦ୍ଭାବନ ଓ ଜୀବନୀ ସଂପର୍କରେ ନିଜ କଥା ରଖିବା ସହ ବିଜ୍ଞାନକୁ ନେଇ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସାଧାରଣ ମଣିଷଙ୍କ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନେବାର ଆବଶ୍ୟକ ବୋଲି ମତ ରଖିଥିଲେ। ଶେଷରେ ମେଧାବୀ ବିଜ୍ଞାନ ଛାତ୍ର ଓ 'ଫୋରମ୍'ର ସଂଯୋଜକ ରାଧାବଲ୍ଲଭ ଦଳାଇ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଧାରିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଓ ପ୍ରଣମ୍ୟ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଓ ବୈଜ୍ଞାନିକ ଅବଦୁଲ୍ କାଲାମ୍‌ଙ୍କ ପୁଣ୍ୟ ସ୍ମୃତିରେ ତାଙ୍କ ଜୟନ୍ତୀରେ ଜଣେ ବିଜ୍ଞାନ ଲେଖକ ଓ ମେଧାବୀ ଛାତ୍ର/ଛାତ୍ରୀଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ।



## ଫେଲୋସିପ୍ ସଭାଗୃହରେ ୧୫ ଦିନିଆ ଇଣ୍ଟରସିପ୍ କାର୍ଯ୍ୟକ୍ରମ

ଭଦ୍ରକ, ୧୪/୫ (ନି.ପ୍ର):୧୫ ଦିବସୀୟ କାର୍ଯ୍ୟକ୍ରମର ୪ର୍ଥ ଦିବସରେ ପୋଷଣ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମୀଣ ଯୋଜନା ଓ ଯୌତୁକ ପ୍ରଥା, ଖାଉଟି ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଆଜିର ବିଷୟ ବିଶାରଦଭାବେ ବରିଷ୍ଠ ଅଧିବକ୍ତା ଶିବପ୍ରସାଦ ମହାନ୍ତି ଓ ଜିଲ୍ଲା ପୋଷଣ ସଂଯୋଜକ ଏସ୍.କେ. ସିରାଜ୍‌ଅକ୍ତର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୋଗ୍ରାମ କୋଅର୍ଡ଼ିନେଟର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ଅକ୍ଷମ ସାର୍ଟିଫିକେଟରେ ଅନିୟମିତତା ଅଭିଯୋଗ

## ନବୀକରଣ ସମୟରେ ପ୍ରତିଶତ ପରିବର୍ତ୍ତନ, ପୁନଃ ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କଠାରେ ଦାବି

ବସ୍ତା , ୧୪/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବସ୍ତା ନିର୍ବାଚନ ମଣ୍ଡଳୀ ବୋଲଂ ପଞ୍ଚାୟତର ଜୈନିକ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ଭିନ୍ନକ୍ଷମ ସାର୍ଟିଫି କେଟ ସମ୍ପର୍କରେ ଗୁରୁତର ଅନିୟମିତତା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ଦାବି ଅନୁସାରେ,ପୂର୍ବରୁ ଜାରି ହୋଇଥିବା ସର୍ଟଫିକେଟରେ ଉଲ୍ଲେଖ ଥିବା ଅସକ୍ଷମତାର ପ୍ରତିଶତକୁ ପର ବର୍ତ୍ତୀ ନବୀକରଣ ସମୟରେ ଅନୁଚିତ ଭାବେ କମ କରାଯାଇଛି ।ଏହି ପରିବର୍ତ୍ତନ ଫଳରେ ସେ ବିଭିନ୍ନ ସର କାରୀ ସୁବିଧା ଓ ଯୋଜନାରୁ ବଞ୍ଚିତ ହେଉଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଭିନ୍ନକ୍ଷମ ସାଟିଫିକେଟ ରେ ଦର୍ଶାଯାଇଥିବା ଶାରୀରିକ ଅବସ୍ଥା ମଧ ବାସ୍ତବ ସ୍ଥିତି ସହ ସମ୍ମତ ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି ।ଏନେଇ ସେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରି ସାର୍ଟିଫିକେଟ୍ ?ର ପୁନଃ ଯାଞ୍ଚ କରି ସଠିକ ପ୍ରତିଶତ ଓ ସ୍ଥିତି ସହିତ ନୂତନ ସାର୍ଟିଫି କେଟ ଜାରି କରିବାକୁ ଦାବି ଜଣାଇଛନ୍ତି ।ଯଦି ଏହି ଅଭିଯୋଗର ଶୀଘ୍ର ସମାଧାନ ହେଉନାହିଁ, ତେବେ ମାମଲାଟିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ନେବେ ବୋଲି ସେ ସତର୍କ କରିଛନ୍ତି। ଏହି ଘଟଣା ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନ ପକ୍ଷ ରୁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣ ଲୋକଙ୍କ ଦାବି କରି ଛନ୍ତି। ତେବେ ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତର ସୃଷ୍ଟିଧର ମଲ୍ଲିକ ଯିଏବ କି ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ,ଦିବ୍ୟାଙ୍ଗ ଭତ୍ତା ପାଇଥାନ୍ତି। ତେବେ ତାଙ୍କର ଦୁଇଟି ଗୋଡ ଅଚଳ ହୋଇ ଥିବା ବେଳେ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇବାକୁ ଯୋଗ୍ୟ ଥିବା ବେଳେ ତାଙ୍କୁ ୫୫ ପ୍ରତିଶତ ଦିବ୍ୟାଙ୍ଗ ସାର୍ଟିଫିକେଟ ଦିଆଯାଇଛି। ତେବେ ସେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଥାଇ ୩୫୦୦ ଟଙ୍କାର ଭତ୍ତା ପାଇବାର ହକ ଦାର ଅଟନ୍ତି। ତେବେ ଏକ ଡାକ୍ତରୀ ଟିମ ଦ୍ୱାରା ତାଙ୍କ ଦିବ୍ୟାଙ୍ଗ ତାର ଫିଜିକାଲ ଯାଞ୍ଚ ପାଇଁ ଜିଲ୍ଲାପାଳ ଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।ତାଙ୍କୁ ବେଟେରୀ ଚାଳିତ ଯାନ ଦେବାକୁ ମଧ ଦାବି କରିଛନ୍ତି ।ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ଜଣେ ଅଶି ପ୍ରତିଶତ ଦିବ୍ୟାଙ୍ଗଙ୍କୁ କେବେ ମିଳୁଛି ନ୍ୟାୟ।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ବାସୁଦେବପୁର, ୧୪/୫ (ନି.ପ୍ର): ମନ୍ଦାରି କଲେଜ ପକ୍ଷରୁ ଅନୁଷ୍ଠିତ ହୋଇ ଥିବା ୭ ଦିନିଆ ଜାତୀୟ ସେବା ଯୋଜନା ଶିବିର ଉଦଯାପିତ ହୋଇ ଯାଇଛି। ଏହି ଶିବିରରେ ଛାତ୍ର ଛାତ୍ରୀ ମାନେ ସଡକ ସୁରକ୍ଷା, ସାଇବର ସଚେତନତା, ବାଲ୍ୟ ବିବାହ, କନ୍ୟା ଶିକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଏହି ଶିବିରରେ କଲେଜ ଅଧକ୍ଷ ଉମାକାନ୍ତ ମଲ୍ଲିକ ସଭାପତିତ୍ୱ କରିଥିଲେ। ଅବସର ପ୍ରାପ୍ତ ଅଧ୍ୟାପକ ଡକ୍ଟର ବସନ୍ତ କୁମାର ଦାସ, ଡକ୍ଟର ପ୍ରଭାତ କୁମାର ରାଉତ ଏହି ଶିବିର ରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା, ସ୍ୱଚ୍ଛତା ଓ ବିଭିନ୍ନ ପ୍ରକାରର ସଚେତନତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭେନସ ଡିପ୍ଲୋମା ଇଞ୍ଜିନିୟରିଂ କଲେଜ ଅଧକ୍ଷ ଡକ୍ଟର ଅଲେଖ କୁମାର ଘଡ଼େଇ । ଏହି ଶିବିରରେ ସେବା ଯୋଜନା ସଂଯୋଜିକା ଲୋପାମୁଦ୍ରା ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ସ୍ନେହଲତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିରରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




## ଟ୍ରଲର ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା, ୧୪/୫ (ନି.ପ୍ର): ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ଟ୍ରାଫିକ୍ ନିକଟରେ ଆଜି ଅପରାହ୍ନରେ ଏକ ଟ୍ରଲ ର ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସ୍ଥାନୀୟ ଗାନ୍ଧୀପଡିଆରେ ରହୁଥିବା କୈଳାଶ ଚନ୍ଦ୍ର ବଳିୟାରସିଂହ (୮୨) । ସେ ହେଉଛନ୍ତି ବରିଷ୍ଠ ସାଂବାଦିକ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ପଡ୍ରୋଶୀ।ସକାଶ ଥାଉକି, ଶ୍ରୀ ବଳିୟାରସିଂହ ଆଜି ଘରୁ କୌଣସି କାମରେ ବଜାର ଆସିଥିଲେ । ଏହି ସମୟରେ ଚଣ୍ଡିଚୁଆ ଅଭିମୁଖେ ଆସୁଥିବା ଓଡି.୦୨ଡିଜେ-୫୩୨୫ନଂ ବିଶିଷ୍ଟ ବଡ ଡ୍ରିଲିଂ ମେସିନ୍ ବୋଝେଇ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଁଚି ଉକ୍ତ ଟ୍ରଲର ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି । ସେ ମହାଶୟଙ୍କ ଆସନ୍ତା କାଲି ସବ ବେଁଛେଦ ପରେ ଅନ୍ତିମ ସରକାର କରାଯିବ ।

# ବସ୍ତା ବ୍ଲକ ରାସ୍ତା ମରଣ ଯନ୍ତା: ତୁରନ୍ତ ମରାମତି ଦାବି

ବସ୍ତା, ୧୪/୫ (ନି.ପ୍ର): ଯାତାୟାତ କ୍ଷେତ୍ରରେ ବସ୍ତା ବ୍ଲକ ରାସ୍ତା ସଂପ୍ରତି ବିପଦକ୍ଷୀ।ଏହି ରାସ୍ତା କେବଳ ବସ୍ତା ବ୍ଲକକୁ ନୁହେଁ ଏହା ମୟୁରଭଞ୍ଜ ଜିଲ୍ଲାର ବେତନଟି, ବୈଶିଙ୍ଗା ଓ ରାସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରିବା ସହିତ ଏପଟେ ଥିବା ବ୍ଲକ ଏବଂ ବ୍ଲକ ସ୍ତରୀୟ ପ୍ରାଣୀ ଚିକିତ୍ସାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡିଭିଜନ,ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ,ବନ ବିଭାଗ ତଥା ବଜାର ରହିଛି। ଫଳରେ ବ୍ଲକ କୁ ଯାତାୟାତ କରୁଥିବା ମୁଖ୍ୟ ମନ୍ତ୍ରୀ ବସ,ବିଭିନ୍ନ ଟ୍ରକ ପ୍ରଭୃତି ଗାଡି ମୋଟର ଯାତାୟାତ ସହ ହଜାର ହଜାର ଲୋକ ପ୍ରତିଦିନ ଯା'ଆସ କରି ଥାଆନ୍ତି ।ମାତ୍ର ଏହି ସଡକ ଏବେ ସଂକଟରେ ।ବ୍ଲକ ଯିବା ରାସ୍ତାରେ ଠିକ ରେଳ ଲେବଲ କ୍ରସିଂ ପାର ହୋଇ ବାଙ୍କ ଜାଗାରେ ପଥର ପେଚିଂ ଧସି ଯିବା ଓ ସଡ଼କଟି ଖାଲ ଢ଼ିପ ହେବା ଯୋଗୁଁ କେଉଁ ମୁହୂର୍ତ୍ତରେ ଅଘଟଣ ହୋଇ କେତେ ଜନ ଜୀବନ ହାନି ଘଟିବ ତାହା କହିବା ମୁସ୍କିଲ।ଏଣୁ କାଳ ବିଳମ୍ୱ ନ କରି ଏହାର ମରାମତି କରାଯିବାକୁ ପ୍ରବଳ ଦାବି ହୋଇଛି।

# ବହୁ ସ୍ମୃତି ବିଜଡ଼ିତ ଉଦଳା ହାଟର ହେବ ନବକଳେବର

ଉଦଳା, ୧୪/୫ (ନି.ପ୍ର): ଉଦଳା ସହର ମଧ୍ୟରେ ଥିବା ସରସ୍ୱତୀ ମନ୍ଦିର ସମ୍ମୁଖ ବଜାରଟି ସ୍ୱାଧିନତା ପୂର୍ବର ଅଟେ । ସେ ସମୟରେ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏହାଥିଲା ଏକମାତ୍ର ହାଟ ଓ ଉଦଳାର ପରିଚୟ । କଇଁସାରି ରାଜଧାନି ଥିବାରୁ ଏହା କଇଁସାରି ରାଜାଙ୍କ ନିୟନ୍ତ୍ରଣରେ ଥିଲା । ଏଠାରେ ରାଣୀ ଦୁତି କ୍ଷମତାରେ ଥିବା ସମୟରେ ଏହି ହାଟ ପଡ଼ିଆରେ ମା' ସରସ୍ୱତୀଙ୍କ ପୂଜା ଆରମ୍ଭ କରିଥିବା କଥା ଶୁଣାଯାଏ । କାଳକ୍ରମେ ଏଠାରେ ପ୍ରତିବର୍ଷ ସରସ୍ୱତୀ ପୂଜା ଅନୁଷ୍ଠିତ ହେବା ସହ ମନ୍ଦିର ଗଢ଼ି ଉଠିଥିଲା । ପରେ ଉକ୍ତ ହାଟଟି ସରସ୍ୱତୀ ହାଟ ନାମରେ ନୂଆ ପରିଚୟ ପାଇଲା । କିଛିବର୍ଷ ପରେ କପ୍ତିପଦାକୁ ରାଜଧାନି ଉଠିଯାଇଥିଲେ ମଧ ପୂର୍ବ ପରି ଏହି ପଡ଼ିଆରେ ସରସ୍ୱତୀପୂଜା ଓ ଏହାକୁ କନ୍ଦ୍ରକରି ମେଳା ଆରମ୍ଭ ହୋଇଥିଲା । ଯାହାକି ଆଜିପର୍ଯ୍ୟନ୍ତ ଚାଲିଆସୁଅଛି । ଏପରିକି ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ସ୍ୱାଧିନତା ସଂଗ୍ରାମୀ ଗିରିଶ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ପତକା ଉତୋଳନ କରାଯାଇଥିଲା । ପରେ ସମସ୍ତ ସ୍ୱାଧିନତା ସଂଗ୍ରାମୀ ଏହି ପଡ଼ିଆରେ ଏକତ୍ରିତ ହେବା ସହ ସାଧାରଣ ସଭାର ଆୟୋଜନ କରିଥିଲେ ଓ ଖୁସିରେ କାଦରେ ଗଡ଼ିଥିଲେ । ଏହିପରି ଉକ୍ତ ପଡ଼ିଆ ସହିତ ଉଦଳାର ଅତିତର ଅନେକ କିଛି ସ୍ମୃତି ଜଡ଼ିତ ରହିଛି । ତେବେ ଅତିତର ଏହି ହାଟ ଯାହାକି ଆଜି ବଜାରରେ ପରିଣତ ହୋଇଛି, ଏହାକୁ ନୂଆକରି ଗଢ଼ି ତୋଳିବା ପାଇଁ ନିକଟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ଏଥିରେ ଅଧକ୍ଷତା କରିଥିବା ବେଳେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ତହସିଲଦାର ସୁପ୍ରଭା ଦାସ, ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା ଓ ସଂପାଦକ ବସନ୍ତ କୁମାର ପରିଡ଼ା, ଗଣମାଧ୍ୟମର ପ୍ରତିନିଧି, ବଣିକ ସଂଘର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏଥିପାଇଁ ଏକ କୋଟି ଟଙ୍କାର ଅନୁଦାନ ପ୍ରଥମ ପର୍ଯ୍ୟାୟରେ ଆସିଥିବାର କଥା ବିଧାୟକ ଘୋଷଣା କରିବା ସହ ପରବର୍ତି ପର୍ଯ୍ୟାୟରେ ଆହୁରି କିଛି ଟଙ୍କା ଆସିବ ବୋଲି ସୂଚନା ପ୍ରଦାନ କରିଥିଲେ । ତେବେ ଖୁବ୍ ନିକଟରେ ଏଥିପାଇଁ କାମ ଆରମ୍ଭ ହେବ ବୋଲି ଘୋଷଣା କରିବା ସହ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଉପଜିଲ୍ଲାପାଳ ଅନୁରୋଧ ଜଣାଇଥିଲେ ।



❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida